

# ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ ରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

କୁଚିଣ୍ଡା,୨୮।୬:(ମନ୍ଥନ):ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ବାମରା ବ୍ଲକ ବାସୁଦେବ ଗୋଦାବରୀ ଡିଗ୍ରୀ ମହାବିଦ୍ୟାଳୟ କେଶାଇବାହାଲ ଠାରେ ତାଲୁକ ଆଇନ ସେବା ସମିତି, କୁଚିଣ୍ଡା ପକ୍ଷରୁ ସେବା ବନାମ ୟୁନିଅନ ଅଫ ଇଣ୍ଡିଆ,୨୦୨୩ ଉପରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଦୟାସାଗର ପ୍ରଧାନ ଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଦୌରା ବିଚାରପତି ତଥା ସଭାପତି ତାଲୁକ ଆଇନ ସେବା ସମିତି କୁଚିଣ୍ଡା ଡ଼ ପ୍ରଭାକର ଗଣ୍ଡିଆ। ଯୋଗଦେଇଥିବା ବେଳେ, ସମ୍ମାନିତ ଭାବେ ତାଲୁକ ଆଇନ ସେବା ସମିତି କୁଚିଣ୍ଡା ସଦସ୍ୟ ଡ଼ା ଶରତ ଚନ୍ଦ୍ର ଗୌନ୍ତିଆ, ସଭାପତି ଅଧିବକ୍ତା ସଂଘ, କୁଚିଣ୍ଡା ଅଇଁଠୁ ରାଉତ ଆଇନ ସେବା ସମିତି କୁଚିଣ୍ଡା ସଦସ୍ୟ



କରୁଣାକର କିସାନ, ଆଇନଜୀବୀ ସ୍ୱପ୍ନେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ । ଅଧ୍ୟାପକ ହରେଶ ସାହୁ ଅତିଥି ପରିଚୟ ସହିତ ସଭା ପରିଚାଳନା କରିଥିବାବେଳେ, ଶେଷରେ ଅଧ୍ୟାପକ ବିନୋଦ ପୃଷ୍ଠେଠ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ରୋଷନ ଶର୍ମା, ଯଶୋଦା ମାଝୀ, ସତ୍ୟଭାମା ମାଝୀ, ବୁଦ୍ଧଦେବ କିସାନ, ନରେନ୍ଦ୍ର ଟପୋ, ନିରଞ୍ଜନ କିସାନ ପ୍ରମୁଖ ସହଯୋଗ କରିଥିଲେ । ଏବଂ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ ସାମିଲ ହୋଇଥିଲେ ।

# ପାରାଦୀପରେ 'ଆନ୍ତର୍ଜାତୀୟ ଏମ୍ଏସ୍ଏମ୍ଇ ଦିବସ ୨୦୨୬ ଆୟୋଜିତ

ପାରାଦୀପ,୨୮।୬:(ମନ୍ଥନ)'ଆନ୍ତର୍ଜାତୀୟ ଏମ୍.ଏସ୍.ଏମ୍.ଇ ଦିବସ ୨୦୨୬' ଅବସରରେ ଶନିବାର ଦିନ ପାରାଦ୍ୱୀପ ଇଫକୋ ଅଡ଼ିଟୋରିୟମ ଠାରେ ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର୍ (ଡବ୍ଲୁଟିସି) ଏବଂ ନେସନାଲ୍ ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍ (ଏନଏସଆଇସି)ର ମିଳିତ ଆନୁକୂଲ୍ୟରେ ଏମ୍ଏସ୍ଏମ୍ଇ ଟିମ୍ ର ବାଣିଜ୍ୟ ସକ୍ଷମତା ଏବଂ ମାର୍କେଟିଂ ପଦକ୍ଷେପକୁ ନେଇ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଓଡିଶା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦି ଫ୍ୟୁଚର୍ ଜେନେରେସନ୍ ଅଫ୍ ଏମ୍ଏସ୍ଏମ୍ଇ ଶୀର୍ଷକ ଉପରେ ଆଲୋକପାତ କରିଥିଲେ । ବର୍ତ୍ତମାନ ବାଣିଜ୍ୟ କ୍ଷେତ୍ରରେ ଡିଜିଟାଲାଇଜେସନ୍, ଲଜିଷ୍ଟିକ୍ସ ଇଣ୍ଟିଗ୍ରେସନ୍, ଅନଲାଇନ୍ ବଜାର, ଏଆଇ ଏବଂ ଇ-କମର୍ସର ପ୍ରଭାବ ବୃଦ୍ଧି ପାଉଥିବା ସମୟରେ ଏମ୍ଏସ୍ଏମ୍ଇ ଗୁଡ଼ିକର ରୂପାନ୍ତରଣ ଜରୁରୀ । ଡିଜିଟାଲ୍ ବାଣିଜ୍ୟ ମାଧ୍ୟମରେ ଏମ୍ଏସ୍ଏମ୍ଇକୁ ସଶକ୍ତ କରିବା ଏବଂ ଓପନ୍ ନେଟୱାର୍କ ଫର୍ ଡିଜିଟାଲ୍ କମର୍ସ (ଓଏନଡିସି) ସହିତ ସେମାନଙ୍କର ସମନ୍ୱୟକୁ ସହଜ କରିବା ପାଇଁ ମୋଦୀ ସରକାରଙ୍କ ଦ୍ୱାରା ଆରଏଏମପି ସ୍କିମ୍ ଅଧୀନରେ ଏମ୍ଏସ୍ଏମ୍ଇ ଟ୍ରେଡ୍ ଏନେବ୍ଲେମେଣ୍ଟ ଆଣ୍ଡ ମାର୍କେଟିଂ ଇନିସିଏଟିଭ୍ ଆରମ୍ଭ କରାଯାଇଛି ।ଏହି ପଦକ୍ଷେପ ମାଗଣାରେ ଅନବୋର୍ଡିଂ, ଡିଜିଟାଲ୍ କାଟଲଗ୍ ସୃଷ୍ଟି , ଆକାଉଣ୍ଟ ପରିଚାଳନା ପାଇଁ ସହାୟତା, ଲଜିଷ୍ଟିକ୍ସ



ସୁବିଧା, ପ୍ୟାକେଜିଂ ସହାୟତା, ଡିଜିଟାଲ୍ ଦକ୍ଷତା ସୃଷ୍ଟି ଏବଂ ଦେଶବ୍ୟାପୀ ଗ୍ରାହକ ନିକଟରେ ପହଞ୍ଚାଇବା ଭଳି ଅନେକ ସୁବିଧା ପ୍ରଦାନ କରିବା ସହ ଗ୍ରାମୀଣ ଓ ଅର୍ଦ୍ଧସହରୀ କ୍ଷେତ୍ରର ଛୋଟ ଛୋଟ ଉଦ୍ୟୋଗଗୁଡ଼ିକୁ ଇ-କମର୍ସ ମାଧ୍ୟମରେ ସମଗ୍ର ଭାରତର ବଜାରରେ ସ୍ଥାନ ଦେବାରେ ସହାୟକ ହେଉଛି । ବିଶେଷ କରି, ଏହା ମହିଳାମାନଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗଗୁଡ଼ିକୁ ମଧ୍ୟ ଡିଜିଟାଲ୍ ବଜାରର ସୁଯୋଗ ଦେଇ ସେମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବାରେ ସହାୟକ ହୋଇପାରୁଛି । ଏଭଳି ସଚେତନତା କାର୍ଯ୍ୟକ୍ରମ ପାରାଦ୍ୱୀପ ପରି ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆୟୋଜନ କରିଥିବାରୁ ମନ୍ତ୍ରୀ ଶ୍ରୀସ୍ୱାଇଁ ଆୟୋଜକ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ବନ୍ଦର, ଶିଳ୍ପ, ସୁଦୃଢ଼ ପରିବହନ ବ୍ୟବସ୍ଥା ଏବଂ ସାମୁଦ୍ରିକ ଅର୍ଥନୀତି ଯୋଗୁଁ ଏହି ଅଞ୍ଚଳରେ ଅପାର ସମ୍ଭାବନା ରହିଛି । ବିଶେଷ କରି, ଫ୍ୟାବ୍ରିକେସନ୍, ପ୍ୟାକେଜିଂ, ମରାମତି ଓ ରକ୍ଷଣାବେକ୍ଷଣ, ମେରାଇନ୍ ପ୍ରଡକ୍ଟସ୍, ଫୁଡ୍ ପ୍ରୋସେସିଂ, ଲଜିଷ୍ଟିକ୍ସ ସର୍ଭିସେସ୍ ଓ ଇଞ୍ଜିନିୟରିଂ ସେବା ଭଳି ବିଭିନ୍ନ ଆନୁଷଙ୍ଗିକ କ୍ଷେତ୍ରରେ ଏମ୍ଏସ୍ଏମ୍ଇ ଗୁଡ଼ିକର ବିକାଶ ପାଇଁ ଅନେକ ସୁଯୋଗ ରହିଛି । ଆଜିର ଯୁଗ ହେଉଛି ଡିଜିଟାଲ୍ କମର୍ସର । ତେଣୁ, ଟେକ୍ନୋଲୋଜିକୁ ଭୟ ନକରି ଡିଜିଟାଲ୍ ବ୍ୟବସାୟକୁ ପ୍ରାଧାନ୍ୟ ଦେବା ସହ କ୍ୱାଲିଟି, ବ୍ରାଣ୍ଡିଂ ଓ ପ୍ୟାକେଜିଂ ଏବଂ ଡିଜିଟାଲ୍ ରେକର୍ଡ ଉପରେ ଗୁରୁତ୍ୱ ଦେବାକୁ ଏମ୍ଏସ୍ଏମ୍ଇ ଉଦ୍ୟୋଗୀମାନଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏବଂ ସମସ୍ତେ ମିଶି ଓଡ଼ିଶାର ଏମ୍.ଏସ୍.ଏମ୍.ଇକୁ 'ଲୋକାଲ୍ ରୁ ଗ୍ଲୋବାଲ୍' କରିବା ନେଇ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର, ଜଗତସିଂହପୁର ଡିଆଇସି ଜିଏମ ମନୋରଞ୍ଜନ ବିଶୋଇ, ଏନଏସଆଇସି ଜିଏମ ମନୋଜ ମୋହନ ସିହ୍ନା ଓ ଡେପୁଟି ଜିଏମ କମଳ ଲୋଚନ ନାୟକ, ଡବ୍ଲୁଟିସି ଭୁବନେଶ୍ୱର ଶାଖା ଅଧ୍ୟକ୍ଷା ଡ଼ଃ.ରୀନା ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଡବ୍ଲୁଟିସି ଆଞ୍ଚଳିକ ନିର୍ଦ୍ଦେଶିକା ଏ. ରାଜ୍ୟଲକ୍ଷ୍ମୀ ଉଦଯାପନୀ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଶେଷରେ ଏନଏସଆଇସି ଡିଜିଏମ ସୁଜିତ କୁମାର ଶାହା ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋଲିଆ ଗାଁ ସ୍କୁଲ ରାସ୍ତାରେ ପାଣି , ପ୍ରତିକାର ଦାବି

ବୁଗୁଡ଼ା, ୨୮।୬:(ମନ୍ଥନ)ସ୍କୁଲ ରାସ୍ତାରେ ପାଣି ଜମି ରହୁଛି , ବର୍ଷା ହେଲେ ସାରା ରାସ୍ତାରେ କାଦୁଅ ପଚ ପଚ ହେବା ସହ ପାଣିର ସ୍ରୋତ ବହୁଛି । ଗୋଳିଆ। ପାଣିରେ ପଶି ପିଲାଙ୍କୁ ସ୍କୁଲ ଯିବାକୁ ପଡୁଛି । ଏମିତି ଦୃଶ୍ୟ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଗୋଲିଆ। ଗ୍ରାମରେ ଦେଖିବାକୁ ମିଳୁଛି । ଗୋଲିଆ। ଗାଁ ନୂଆଁସାହିରେ ସରକାରୀ ପ୍ରାଥମିକ ବିଦ୍ୟାଳୟଟିଏ ରହିଛି । ଏହି



ବିଦ୍ୟାଳୟରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ପଢୁଛନ୍ତି । ତେବେ ବର୍ଷା ସମୟରେ ସ୍କୁଲ ସମ୍ମୁଖରେ ପାଣି ଜମି ରହୁଥିବାରୁ କୋମଳମତି ଶିଶୁମାନେ ସ୍କୁଲକୁ ଯିବା ଆସିବା ସମୟରେ କାଦମାଟି ହୋଇ ଯାଉଛନ୍ତି । ଏହା ଛଡ଼ା ଗାଡି ଛିଟିକା ପଡି ସେମାନଙ୍କ ଡ୍ରେସ ଖରାପ ହୋଇ ଯାଉଛି । ଏଣୁ ପ୍ରଶାସନର ଦୃଷ୍ଟିଆଢୁଆଳରେ ରହିଥିବା ଏହି ସମସ୍ୟାର ତୁରନ୍ତ ପ୍ରତିକାର ବ୍ୟବସ୍ଥା ପାଇଁ ଦାବି ହେଉଛି ।

# ୫୭ ନମ୍ବର ୱାର୍ଡ ରେ 'ମନ କି ବାତ'ର ଗୁଞ୍ଜନ

ଫୁଲନଖରା,୨୮।୬:(ମନ୍ଥନ)ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟ ମାସିକ କାର୍ଯ୍ୟକ୍ରମ 'ମନ କି ବାତ'ର ପ୍ରସାରଣ କଟକ ମହାନଗର ନିଗମ ଅନ୍ତର୍ଗତ ୫୭ ନମ୍ବର ୱାର୍ଡରେ ଏକ ଘରୋଇ ମଣ୍ଡପରେ ଉତ୍ସାହ ଓ ଭବ୍ୟତାର ସହ ଅନୁଷ୍ଠିତ ହୋଇଯାଇଛି । ନାରୀନେତ୍ରୀ ମାମିନା ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଦଳୀୟ କର୍ମକର୍ତ୍ତା, ସାମାଜିକ କର୍ମୀ ଓ ସ୍ଥାନୀୟ ବାସିନ୍ଦା ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ମନୋଯୋଗ ସହ ଶୁଣିଥିଲେ । କାର୍ଯ୍ୟକ୍ରମରେ କଟକ ଜିଲ୍ଲା ପ୍ରଭାରୀ ଜ୍ଞାନ ରଞ୍ଜନ ବେଉରା, ରାଜ୍ୟ ମହିଳା କମିଶନର ସଦସ୍ୟା ପ୍ରତିଭା ଶତପଥୀ, ସିନେ ତାରକା ଶ୍ରୀତମ ଦାସ, ୫୬ ନମ୍ବର ୱାର୍ଡର କର୍ପୋରେଟର ଲିପ୍ସା ନାୟକ, କଟକ ଜିଲ୍ଲା ମହିଳା ମୋର୍ଚ୍ଚା ନେତ୍ରୀ ମଧୁସ୍ମିତା ପ୍ରଧାନ, ପୂର୍ବତନ ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଞ୍ଜିତ ପଣ୍ଡା, ଉରାଳି ଗ୍ରାମ ପଞ୍ଚାୟତର ନାରୀନେତ୍ରୀ ଗୌତମୀ ସାମଲଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ରହିଥିଲେ । ପୂର୍ବତନ ମଣ୍ଡଳ ସଭାପତି ପ୍ରମୋଦ କୁମାର ଓଝା ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ' ପ୍ରସାରଣକୁ ସମସ୍ତେ ଏକାଗ୍ରଚିତ୍ତରେ ଶୁଣିବା ସହ ତାଙ୍କର ଦୂରଦର୍ଶୀ ଚିନ୍ତାଧାରା, ଦେଶର ବିକାଶ, ସମାଜର ସକାରାତ୍ମକ ପରିବର୍ତ୍ତନ, ନାରୀ ସଶକ୍ତିକରଣ, ଯୁବଶକ୍ତି, ସ୍ୱଚ୍ଛତା, ପରିବେଶ ସୁରକ୍ଷା ଏବଂ ଆତ୍ମନିର୍ଭର ଭାରତ ଗଠନ ପ୍ରତି ତାଙ୍କର ଆହ୍ୱାନକୁ ଉଚ୍ଚ ପ୍ରଶଂସା କରିଥିଲେ ।

# ଜିଲ୍ଲାସ୍ତରୀୟ 'ଉଦ୍ୟମୀ ଓଡ଼ିଶା MSME' କାର୍ଯ୍ୟକ୍ରମ ଉଦଘାଟିତ

ଅନୁଗୋଳ,୨୮।୬:(ମନ୍ଥନ)ଅନୁଗୋଳ ଜିଲ୍ଲାର ବ୍ୟାପକ ଶିଳ୍ପ ସମ୍ଭାବନା ଓ ଶିଳ୍ପ ପୋର୍ଟଫୋଲିଓକୁ ପ୍ରଦର୍ଶନ କରିବା ନିମନ୍ତେ ଉଦ୍ୟମୀ ଓଡ଼ିଶା MSME କାର୍ଯ୍ୟକ୍ରମ ଆଜି ଅପରାହ୍ନରେ ବିଜୁ ମଇଦାନଠାରେ ଉଦଘାଟିତ ହୋଇଯାଇଛି। ଏହି ପାଞ୍ଚ ଦିନିଆ। ପ୍ରଦର୍ଶନୀକୁ ମାନ୍ୟବର ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଅନୁଗୋଳ ପୌରପାଳିକାର ଅଧ୍ୟକ୍ଷ ଶ୍ରୀ ଅକ୍ଷୟ କୁମାର ସାମନ୍ତ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ଏହି ଉଦଘାଟନୀ ଉତ୍ସବରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଶ୍ରୀ ଶିବାଶିଷ କାନୁନଗୋଙ୍କ ସମେତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ବିଭିନ୍ନ ଉତ୍ପାଦନକାରୀ ଗଝଗର (ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ) ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ କରିବା ପାଇଁ ୩୦ଟି ସ୍ୱତନ୍ତ୍ର ଷ୍ଟଲ୍ ଆବଣ୍ଟନ କରି ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲ। ଉଦଘାଟନୀ ଅବସରରେ ମାନ୍ୟବର ବିଧାୟକ ଓ ପୌରପାଳିକା ଅଧ୍ୟକ୍ଷ ସମସ୍ତ ଷ୍ଟଲ୍ ବୁଲି ଦେଖିବା ସହ ଉଦ୍ୟୋଗୀମାନଙ୍କ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ଯୁବପିଢ଼ିଙ୍କୁ ଚାକିରି ପାଇଁ ଅପେକ୍ଷା କରିବାର ମାନସିକତାରୁ



ଆଗକୁ ବଢ଼ି ଉଦ୍ୟୋଗୀ ହୋଇ ଅନ୍ୟମାନଙ୍କ ନିମନ୍ତେ ନିଯୁକ୍ତି ସୃଷ୍ଟିକାରୀ ହେବାକୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମ ସହିତ ସମାନ୍ତରାଳ ଭାବରେ ଉଦ୍ୟୋଗୀତା ସଚେତନତା ଏବଂ ଋଣ ସୁବିଧା ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ସେମିନାର ଆୟୋଜିତ ହୋଇଥିଲା । ଏହି ଅବସରରେ 'ମହିଳା ଉଦ୍ୟୋଗିତା ମଞ୍ଚ, ଓଡ଼ିଶା ଅଧ୍ୟାୟ'ର ମଧ୍ୟ ଶୁଭାରମ୍ଭ କରାଯାଇଛିଯ ସମ୍ଭାବ୍ୟ ମହିଳା ଉଦ୍ୟୋଗୀମାନେ କିଭଳି ବିଭିନ୍ନ ସରକାରୀ ଯୋଜନାର ଲାଭ ଉଠାଇ ଆନୁଷ୍ଠାନିକ ବ୍ୟାଙ୍କ ଋଣ ଏବଂ ଆର୍ଥିକ ସହାୟତା ପାଇପାରିବେ, ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ସହାୟକ ଶିଳ୍ପ ଅଧିକାରୀ ଶ୍ରୀ ହିମାଂଶୁ ଶେଖର ସାହୁ ଉପସ୍ଥିତ ଅଂଶଗ୍ରହଣକାରୀମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଆର୍ଥିକ ପ୍ରୋତ୍ସାହନ ଓ ଯୋଜନା ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ସେହିପରି ୟୁକୋ ବ୍ୟାଙ୍କର ଲିଡ୍ ବ୍ୟାଙ୍କ ପରିଚାଳକ ଶ୍ରୀ ଦୀପକ ମିଶ୍ର ଯୋଗଦେଇ ନୂତନ ବ୍ୟବସାୟ ଓ ଉଦ୍ୟୋଗ ସ୍ଥାପନ ପାଇଁ ବ୍ୟାଙ୍କଗୁଡ଼ିକରୁ ଆନୁଷ୍ଠାନିକ ସୂତ୍ରରେ ଋଣ ନେବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହାୟକ ଶିଳ୍ପ ଅଧିକାରୀ ଶ୍ରୀ ଯଶୋବନ୍ତ ଦାସ, ଶ୍ରୀ ଅଙ୍କିତ ସାମଲ ଏବଂ ଡରଙ୍ଗ ଶ୍ରୀ ମାନସ ଭଞ୍ଜଦେଓଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିପ୍ରମୁଖ ଉପସ୍ଥିତ ଥିଲେ ।

# ଛବି ମଲ୍ଲିକଙ୍କ ଜନସେବାମୂଳକ ପଦକ୍ଷେପକୁ ମିଳିଲା ସର୍ବସାଧାରଣଙ୍କ ପ୍ରଶଂସା

ଫୁଲନଖରା,୨୮।୬:(ମନ୍ଥନ)କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ଶାସନ ଗ୍ରାମରେ ଦିବ୍ୟାଙ୍ଗମାନଙ୍କ ସୁବିଧା ଓ ସାମାଜିକ କଲ୍ୟାଣକୁ ଦୃଷ୍ଟିରେ ରଖି ନିର୍ମିତ 'ମା ତାରିଣୀ ଦିବ୍ୟାଙ୍ଗ ବିଶ୍ରାମ ଗୃହ'ର ଶୁଭ ଉଦ୍‌ଘାଟନ ଉତ୍ସବମୁଖର ପରିବେଶରେ ସମ୍ପନ୍ନ ହୋଇଯାଇଛି । ଏହି ଉଦ୍ଘାଟନୀ ସମାରୋହରେ ନିଆଳିର ପ୍ରିୟ ବିଧାୟକ ଇଂ. ଛବି ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ରାମ ଗୃହର ଶୁଭ ଉଦ୍ଘାଟନ କରିଥିଲେ । ଉଦ୍‌ଘାଟନ ଅବସରରେ ବିଧାୟକ ଶ୍ରୀ ମଲ୍ଲିକ କହିଥିଲେ ଯେ, ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କୁ ସମାନ ସୁବିଧା ଓ ସମ୍ମାନ ମିଳିବା ସରକାରଙ୍କ ପ୍ରାଥମିକତା । ଦିବ୍ୟାଙ୍ଗ ଭାଇଭଉଣୀମାନେ ବିଭିନ୍ନ ସମୟରେ ଯାତାୟାତ କିମ୍ବା ଅନ୍ୟ କାର୍ଯ୍ୟରେ ଆସି ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ଏହି ବିଶ୍ରାମ ଗୃହ ନିର୍ମାଣ କରାଯାଇଛି। ଏହା ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ସୁରକ୍ଷିତ, ସୁବିଧାଜନକ ଓ ମାନବିକ ପରିବେଶ ପ୍ରଦାନ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଏହି ବିଶ୍ରାମ ଗୃହରେ ଦିବ୍ୟାଙ୍ଗମାନେ ସୁବିଧାରେ ରହିବା ସହ ବିଭିନ୍ନ ପ୍ରୟୋଜନୀୟ ସୁବିଧାର ଲାଭ ପାଇପାରିବେ। ବିଶେଷ କରି ଦୂରଦୂରାନ୍ତରୁ ଆସୁଥିବା ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ଏହି ବିଶ୍ରାମ ଗୃହ ବେଶ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଥିଲେ । ସ୍ଥାନୀୟ ଅଞ୍ଚଳବାସୀ ବିଧାୟକ ଇଂ. ଛବି ମଲ୍ଲିକଙ୍କ ଏହି ଜନହିତକର ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିବା ସହ କହିଥିଲେ ଯେ, ସମାଜର ଅବହେଳିତ ଓ ଦିବ୍ୟାଙ୍ଗ ବର୍ଗଙ୍କ କଲ୍ୟାଣ ପାଇଁ ଏଭଳି ଭିତ୍ତିଭୂମି ସୃଷ୍ଟି ସମୟର ଆବଶ୍ୟକତା ଥିଲା ।

# ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଆସନ୍ତା ବୁଧବାର ଠାରୁ ଆରମ୍ଭ ହେବ ଭାଗବତ ସପ୍ତାହ ଓ ଗୀତା ଜ୍ଞାନଯଜ୍ଞ

କାକଟପୁର,୨୮।୬:(ମନ୍ଥନ)କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମ ମଙ୍ଗଳାଙ୍କ ପ୍ରାଙ୍ଗଣରେ ଥିବା ପୁରାଣ ମଣ୍ଡପ ଠାରେ ବାବା ବୈକୁଣ୍ଠନାଥ ପ୍ରଚାର ପ୍ରସାର ସମିତି ଓ ଗୀତାଜ୍ଞାନ ଯଜ୍ଞ କମିଟି ଆୟୋଜନ ରେ ଆସନ୍ତା ଜୁଲାଇ ୧ ତାରିଖ ରୁ ଆରମ୍ଭ ହେବାକୁ ଯାଉଛି ଭାଗବତ ସପ୍ତାହ ଓ ଗୀତ ଜ୍ଞାନଯଜ୍ଞ । ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବଚକ ତଥା ସନ୍ଥ ଶ୍ରୀ ସତ୍ୟାନନ୍ଦ ବାବାଙ୍କ ଦ୍ୱାରା ଶ୍ରୀମଦ ଭାଗବତ ର ବ୍ୟାଖ୍ୟା କରାଯିବା ସହିତ ଭଗବାନ କୃଷ୍ଣଙ୍କର ବିଭିନ୍ନ ଲୀଳା ସମ୍ପର୍କ ରେ ଶ୍ରୋତାମାନଙ୍କୁ ବୁଝାଇବାର କାର୍ଯ୍ୟକ୍ରମ ରହିଛି । ସନ୍ଧ୍ୟା ରୁ ବଡ଼ସିଂହାର ଧୂପ ପର୍ଯ୍ୟନ୍ତ ପୁରାଣ ମଣ୍ଡପ ରେ ଭକ୍ତ ମାନେ କୃଷ୍ଣ ରସରେ ତଲ୍ଲୀନ ହେବା ସହିତ ଭଗବାନ ଙ୍କର ଗୁଣ କୀର୍ତ୍ତନ କରିବାର ଏକ ସୌଭାଗ୍ୟ ହାତ ପାହାନ୍ତା ରେ ଆସି ପହଂଚିଛି ।ସେଥିପାଇଁ କୁହାଯାଇଛି ସୌଭାଗ୍ୟ ଆସିଲେ ଆପେ ଆପେ ଜ୍ଞାନ ଆସିଥାଏ, ଜ୍ଞାନ ଆସିଲେ ଆପେ ଆପେ ସୁଖ ଆସିଥାଏ । ଏଥିଲାଗି ସନ୍ଥ ମାନେ କୁହନ୍ତି, ବ୍ରହ୍ମାନନ୍ଦମ ପରମ ସୁଖଦଂ, କେବଳଂ ଜ୍ଞାନ ମୂର୍ତ୍ତିମ୍ । ଏହି କାର୍ଯ୍ୟକ୍ରମ ୧ ତାରିଖ ବୁଧବାର ଆରମ୍ଭ ହୋଇ ୧୦.୭. ୨୬ ରିଖ ଶୁକ୍ରବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର ଅଛି । ପ୍ରତ୍ୟେକ ଦିନ ପ୍ରବଚନ ଶେଷରେ ଆଳତୀ ଏବଂ ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି ବୋଲି ବାବା ବୈକୁଣ୍ଠ ନାଥ ଭାଗବତ ପ୍ରଚାର ପ୍ରସାର ସମିତି ଓ ଗୀତା ଜ୍ଞାନଯଜ୍ଞ ଆୟୋଜକ କମିଟି ସଭ୍ୟ ଜଗବନ୍ଧୁ ସ୍ୱାଇଁ, ସୁଧାଂଶୁ ଦୀକ୍ଷିତ,ଶାନ୍ତନୁ କୁମାର ଦୀକ୍ଷିତ, ପ୍ରମୁଖ ପ୍ରକାଶ କରିଛନ୍ତି । ତତସହିତ ଏହି ମହାନ ସତସଙ୍ଗ ଅନୁଷ୍ଠାନ ରେ ଆବାଳ ବୃଦ୍ଧବନିତା ଶହ ଶହ ସଂଖ୍ୟାରେ ଯୋଗଦାନ କରି ବାଂଛିତ ବିଭୁକୃପା ଲାଭ କରିବାକୁ ଅନୁରୋଧ କରିଛନ୍ତି ।

# କେନ୍ଦ୍ରାପଡାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ

କେନ୍ଦ୍ରାପଡ଼ା,୨୮।୬:(ମନ୍ଥନ)କେନ୍ଦ୍ରାପଡାରେ ଆଜି ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଶ୍ରୀ ସାମଲ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକଙ୍କ ସହ ମିଳିତ ଭାବରେ ତରାଣ୍ଡୋ ବଟରେ ଆୟୋଜିତ 'ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ'ରେ ସାମିଲ ହୋଇ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲେ। ଏହାପରେ ପୁରୁଣା ବସଷ୍ଟାଣ୍ଡ ଓ ସାନ୍ତସାହି ଦେଇ ସେ କେନ୍ଦ୍ରାପଡ଼ାର ଆରାଧ୍ୟ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ପହଞ୍ଚି ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଶ୍ରୀ ବଳଦେବଜୀଉ ମନ୍ଦିର ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂଗଠନ ମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ରାଜ୍ୟ ସମ୍ପାଦକ ସରୋଜ କର, ପ୍ରଭାରୀ ଅଶୋକ ମିଶ୍ର, ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ଗୀତାଞ୍ଜଳି ସେଠୀ, ଜିଲ୍ଲା ବିଜେପି ମହିଳା ସଭାନେତ୍ରୀ ଜ୍ୟୋସ୍ନାରାଣୀ ଜେନା, କିଶୋର ପଣ୍ଡା, ଉମାକାନ୍ତ ପଟ୍ଟନାୟକ, ଉପୀନ ରାଉତ, ମନୀଷା ପଣ୍ଡାଙ୍କ ସମେତ ଜିଲ୍ଲା କାର୍ଯ୍ୟକର୍ତ୍ତା ଓ ସମସ୍ତ ମଣ୍ଡଳର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ଥିଲେ।

# ପଞ୍ଚମ ପର୍ଯ୍ୟାୟରେ ୩,୨୫୦ ଖଣ୍ଡ ମାଗଣା ପାଠ୍ୟପୁସ୍ତକ ବୁଗୁଡାରେ ପହଞ୍ଚିଲା

ବୁଗୁଡ଼ା, ୨୮।୬:(ମନ୍ଥନ) ଚଳିତ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗ ପକ୍ଷରୁ ତୃତୀୟ ପର୍ଯ୍ୟାୟରେ ସମଗ୍ର ଶିକ୍ଷା ଅଭିଯାନ ଯୋଜନା ମାଧ୍ୟମରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଯୋଗାଇ ଦିଆଯାଉଥିବା ପାଠ୍ୟପୁସ୍ତକ ମଧ୍ୟରୁ ଅନେକ ପୁସ୍ତକ ପାଞ୍ଚୋଟି ପର୍ଯ୍ୟାୟରେ ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିବା ଜଣାପଡ଼ିଛି । ଚଳିତ ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ସମସ୍ତ ବହି ବଦଳି ଯାଇ ନୂତନ ସଂସ୍କରଣରେ ପ୍ରକାଶିତ ବହିକୁ ନେଇ ପାଠ ପଢ଼ାଯିବ ବୋଲି ଜଣାଯାଇଛି।ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୭୪୦୦ ଖଣ୍ଡ, ଦ୍ୱିତୀୟ ପର୍ଯ୍ୟାୟରେ ୧୧୯୦୦ ଖଣ୍ଡ, ତୃତୀୟ ପର୍ଯ୍ୟାୟରେ



୩୮,୮୫୦ ଖଣ୍ଡ , ଚତୁର୍ଥ ପର୍ଯ୍ୟାୟରେ ୧୧,୩୫୦ ଖଣ୍ଡ ବହି ପହଞ୍ଚିଥିଲା ବେଳେ ଏବେ ପଞ୍ଚମ ପର୍ଯ୍ୟାୟରେ ୩,୨୫୦ ଖଣ୍ଡ ବହି ପହଞ୍ଚିଛି ଯେଉଁଥିରେ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଯଥାକ୍ରମେ ୩୨୫୦ ଓ ୨୨୫ ଖଣ୍ଡ ବହି ରହିଛି । ତେବେ ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଯୋଗାଯାଇଥିବା ପାଠ୍ୟପୁସ୍ତକ ମଧ୍ୟରୁ ଚତୁର୍ଥ ଶ୍ରେଣୀର ଆର୍ଟ ଏଜୁକେସନ ୧୭୦୦ଟି , କୌଶଳବୋଧ ୫୦ଟି, ଅଷ୍ଟମ ଶ୍ରେଣୀର ଗଣିତ ବହି ୧୫୦୦ ଖଣ୍ଡ ରହିଥିବା ବେଳେ ବେସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଯୋଗାଯାଇଥିବା ପାଠ୍ୟପୁସ୍ତକ ମଧ୍ୟରୁ ଅଷ୍ଟମ ଶ୍ରେଣୀର ଗଣିତ ୧୫୦ ଖଣ୍ଡ ଓ ହିନ୍ଦୀ କଳିକା ୭୫ ଖଣ୍ଡ ରହିଛି । ପରବର୍ତ୍ତୀ ପର୍ଯ୍ୟାୟରେ ଆବଶ୍ୟକୀୟ ଅବଶିଷ୍ଟ ପାଠ୍ୟପୁସ୍ତକ ପହଞ୍ଚିବ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି ।

# ଇଫକୋ କୋର୍ଡେଟ୍ ପକ୍ଷରୁ ଦିନିକିଆ କୃଷକ ତାଲିମ ଓ ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ

ପାରାଦୀପ,୨୮।୬:(ମନ୍ଥନ) ଇଫକୋର ସହଯୋଗୀ ସଂଗଠନ ସମବାୟ ଗ୍ରାମୀଣ ବିକାଶ ଟ୍ରଷ୍ଟ (କୋର୍ଡେଟ୍) ଦ୍ୱାରା ଶୁକ୍ରବାର ଦିନ ଇଫକୋ ପାରାଦୀପ ୟୁନିଟ୍ ପରିସରରେ ସ୍ୱର୍ଣ୍ଣଜୟନ୍ତୀ ସଭାଗୃହ (ଚୌପାଳ) ଠାରେ ଏକ ଦିନିକିଆ କୃଷକ ତାଲିମ ଏବଂ ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ଏବଂ ମାର୍ଶାଘାଇ ବ୍ଲକର ପ୍ରାୟ ୭୫ ଜଣ ପ୍ରଗତିଶୀଳ ଚାଷୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ କୋର୍ଡେଟ୍ ପାରାଦୀପ ଶାଖାର ଅଧ୍ୟକ୍ଷ କୁଳମଣି ମାଝୀ ଉଦ୍ଘାଟନ କରିଥିଲେଯ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ନିଶ୍ଚିନ୍ତକୋଇଲି ବ୍ଲକର କୃଷି ବିଶେଷଜ୍ଞ ଅରବିନ୍ଦ କୁମାର ସାହୁ,ଇଫକୋ ପାରାଦୀପ ୟୁନିଟ ର ପ୍ରଶାସନିକ ଅଧିକାରୀ ଜୟନ୍ତ ଜେନା,ଭୁତୁମୁଣ୍ଡାଇ ଗ୍ରାମପଞ୍ଚାୟତ ର କୃଷି ମିତ୍ର ଅରକ୍ଷିତ ସାହୁ ଏବଂ ଇଫକୋ ପାରାଦୀପ ୟୁନିଟ ବାୟୋ-ସାର ପ୍ଲାଣ୍ଟ ର ଅଧିକାରୀ ଆଭ୍ରୋ ଦେ ପ୍ରମୁଖ ଉପସ୍ଥିତ ଥିଲେ । ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି, ସମ୍ମାନିତ ବ୍ୟକ୍ତିମାନେ ଆଧୁନିକ କୃଷି ପଦ୍ଧତି, ଉନ୍ନତ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେମାନେ ଫସଲ



ଉତ୍ପାଦନ ବୃଦ୍ଧିରେ ନାନୋ ସାରର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସାର କ୍ଷେତ୍ରକୁ ପ୍ରଭାବିତ କରୁଥିବା ବିଶ୍ୱସ୍ତରୀୟ ଅନିଶ୍ଚିତତା ପରିପ୍ରେକ୍ଷୀରେ ଦକ୍ଷ ପୁଷ୍ଟିକର ପରିଚାଳନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏକ ପାରସ୍ପରିକ ଆଲୋଚନା ଅଧିବେଶନ ଚାଷୀମାନଙ୍କୁ ବିଭିନ୍ନ କୃଷି ଚ୍ୟାଲେଞ୍ଜ ଗୁଡିକ ବିଷୟରେ ଆଲୋଚନା କରିବା ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ବୈଜ୍ଞାନିକ ସାର ପ୍ରୟୋଗ ଏବଂ ଉନ୍ନତ ଫସଲ ଉତ୍ପାଦନ ପଦ୍ଧତି ଉପରେ ବିଶେଷଜ୍ଞ ମାର୍ଗଦର୍ଶନ ପାଇବାର ସୁଯୋଗ ପ୍ରଦାନ କରିଥିଲାଯ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ, ପରିବେଶ ଅନୁକୂଳ ଏବଂ ସ୍ଥାୟୀ କୃଷି ଇନପୁଟ୍ ଗ୍ରହଣକୁ ଉତ୍ସାହିତ କରିବା ପାଇଁ ଅଂଶଗ୍ରହଣକାରୀ ଚାଷୀମାନଙ୍କ ମଧ୍ୟରେ ଜୈବ-ସାର ତରଳ କନସୋର୍ଟିଆ ବଣ୍ଟନ କରାଯାଇଥିଲା ।କୃଷକ ସମ୍ପ୍ରଦାୟର ଲାଭ ପାଇଁ ଏପରି ଅଧିକ ଦକ୍ଷତା-ନିର୍ମାଣ ପଦକ୍ଷେପ ଆୟୋଜନ କରିବା ପାଇଁ ଧନ୍ୟବାଦ ସହ ପୁନଃପ୍ରତିବଦ୍ଧତା ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

# ଅନୁଗୋଳ ବନ ବିଭାଗ ଦ୍ୱାରା ସଫଳ କାର୍ଯ୍ୟାନୁଷ୍ଠାନ

ଅନୁଗୋଳ, ୨୮।୬:(ମନ୍ଥନ)ଅନୁଗୋଳ ବନ ବିଭାଗ ନିର୍ଭରଯୋଗ୍ୟ ଗୁପ୍ତ ସୂଚନା ଆଧାରରେ, ତାଳଚେର ରେଞ୍ଜ କର୍ମଚାରୀମାନେ ତାଳଚେର ରେଞ୍ଜର ଏଫସିଆଇ ସେକ୍ସନର ବଳରାମପ୍ରସାଦ ବିଟ୍ ଅନ୍ତର୍ଗତ ବୁଢାପଙ୍କା ଗ୍ରାମରେ ଏକ ସଫଳ ଚଢାଉ କରିଥିଲେ । ଅପରାହ୍ନ ସମୟରେ, ଦଳ ୧୫ ଟି ସାଗୁଆନ କାଠ ଜବତ କରିଥିଲା ଯାହାର ମୋଟ ଆୟତନ



୩୩.୪୨ ସିଏଫଟି ଥିଲା, ଯାହା ବେଆଇନ କାଠ କାର୍ଯ୍ୟକଳାପ ସହିତ ଜଡିତ ବୋଲି ସନ୍ଦେହ କରାଯାଉଥିଲା । ଜବତ କାଠକୁ ଅଧିକ ତଦନ୍ତ ପାଇଁ ତାଳଚେର ରେଞ୍ଜ କାର୍ଯ୍ୟାଳୟକୁ ପଠାଯାଇଥିଲା । ଏହି ସଫଳ ଅଭିଯାନରେ ଶ୍ରୀ ବାସିଷ୍ଠ ଦେହୁରୀ (ଫରେଷ୍ଟର), ଶ୍ରୀମତୀ ଜଲି ଦେହୁରୀ (ଫରେଷ୍ଟର), ଶ୍ରୀ ମନ୍ମଥ ରଞ୍ଜନ ମହାନ୍ତି (ବନରକ୍ଷୀ), ଶ୍ରୀମତୀ ନିବେଦିତା ପ୍ରଧାନ (ବନରକ୍ଷୀ), ଶ୍ରୀ ଆଦିକନ୍ଦ ପ୍ରଧାନ (ବନରକ୍ଷୀ), ଶ୍ରୀ ଜିତେନ୍ଦ୍ର ସାହୁ (ବନରକ୍ଷୀ), ଶ୍ରୀମତୀ ସଞ୍ଜିତା ବିଶ୍ୱାଳ (ବନରକ୍ଷୀ), ଶ୍ରୀମତୀ ସାଗରିକା ଦାସ (ବନରକ୍ଷୀ), ଶ୍ରୀ ରଞ୍ଜନ ଦେହୁରୀ (ହାତୀ ସ୍କ୍ୱାଡ୍), ଶ୍ରୀ ସମୟ ମାଝୀ (ହାତୀ ସ୍କ୍ୱାଡ୍), ଶ୍ରୀମତୀ ଜୟନ୍ତୀ ସାହୁ (ହାତୀ ସ୍କ୍ୱାଡ୍), ଶ୍ରୀ ଜାମ୍ବେଶ୍ୱର ସାମଲ (ହାତୀ ସ୍କ୍ୱାଡ୍), ଶ୍ରୀ ଅଜିତ ସାମଲ (ଗଜମିତ୍ର)ସାମିଲ ଥିଲେ ।ଆମେ ଆମର ସବୁଜ ଯୋଦ୍ଧାମାନଙ୍କ କଠିନ ପରିଶ୍ରମ ଏବଂ ନିଷ୍ଠା ପାଇଁ ଗର୍ବିତ ।

ସୋମବାର ୨୯, ଜୁନ୍ ୨୦୨୬, ଭୁବନେଶ୍ୱର
Monday, 29 June 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଇଚ୍ଛାମୃତ୍ୟୁ

ଭାରତରେ ଇଚ୍ଛାମୃତ୍ୟୁ ପାଇଁ ଆବେଦନ ଏକ ଧାରାରେ ପରିଣତ ହୋଇଗଲାଣି। ଏହାକୁ କେତେକ ରାଜନୈତିକ ସ୍ୱାର୍ଥ ହାସଲ ଲାଗି ବ୍ୟବହାର କରୁଛନ୍ତି। ନିକଟରେ ଓଡ଼ିଶାର କେତେକ ଚାଷୀ ମଣ୍ଡିରେ ଧାନ ବିକ୍ରୀ କରିନପାରିବା ହେତୁ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିଛନ୍ତି। ଏଥିନେଇ ବିରୋଧୀ ସରକାରଙ୍କୁ ଆକ୍ଷେପ କରିଛନ୍ତି। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଇଚ୍ଛାମୃତ୍ୟୁ ପାଇଁ ସମ୍ପୃକ୍ତ ଚାଷୀ ଆବେଦନ କରିବାର ଯଥାର୍ଥତା ରହିଛି କି ନାହିଁ ତାହା ଭିନ୍ନ କଥା। କିନ୍ତୁ ବାସ୍ତବରେ ମଣ୍ଡିର ଅବସ୍ଥା ଅତି କରାପ ଏବଂ ଚାଷୀ ଶୋଷଣର ଶିକାର ହେଉଛନ୍ତି। ସରକାରୀ କିରାଣୀ ବା ପିଅନଟିଏ ବସି ବସି ମୋଟା ଅଙ୍କର ଦରମା ନେଇ ଘରକୁ ଯାଉଛି। ଅଥଚ ଆମକୁ ଦାନା ଯୋଗାଉଥିବା ଚାଷୀଟିଏ ନିଜ ପରିଶ୍ରମର ମୂଲ୍ୟ ପାଇବାକୁଏତେ ସଂଘର୍ଷ କରିବ ତାହା ବାସ୍ତବରେ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ସ୍ୱାଧୀନ ଭାରତରେ ଏହା ଆଶା କରାଯାଉନଥିଲା। ଭାରତ ଏକ କୃଷି ପ୍ରଧାନଦେଶ ଏବଂ ଦେଶର ଅର୍ଥନୀତି ଅନେକାଂଶରେ କୃଷି ଉପରେ ନିର୍ଭରଶୀଳ। କୃଷି କ୍ଷେତ୍ରରେ ଭାରତର ସର୍ବାଧିକ ବ୍ୟକ୍ତି କର୍ମ ନିଯୁକ୍ତି ପାଇଛନ୍ତି। ଅନେକ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ମଧ୍ୟ ହୋଇଛି। ଏଥିରେ ମଧ୍ୟ ଅନେକ ନିଯୁକ୍ତି ପାଇଛନ୍ତି। ଏହାର କିନ୍ତୁ ଆହୁରି ପ୍ରସାର ସୁଯୋଗ ରହିଛି। ଚିନି ଶିଳ୍ପରେ ଲକ୍ଷ ଲକ୍ଷ ବ୍ୟକ୍ତି ନିଯୁକ୍ତି ପାଇଛନ୍ତି। ପରୋକ୍ଷରେ ମଧ୍ୟ କୃଷି ଉପରେ ଅନେକ ରୋଜଗାର ସୁବିଧା ପାଇଛନ୍ତି। କୃଷିଜାତ ସାମଗ୍ରୀର ପରିବହନ, ବ୍ୟବସାୟ ଉପରେ ଅନେକ ନିର୍ଭର କରି ଚଳୁଛନ୍ତି। ପଞ୍ଜାବ, ହରିୟାନା,ମହାରାଷ୍ଟ୍ର, କର୍ଣ୍ଣାଟକ, ଗୁଜରାଟ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଭଳି ରାଜ୍ୟ ଆଜି କେବଳ ଏହି କାରଣରୁ ସମୃଦ୍ଧି ହାସଲ କରିଛନ୍ତି। ସେମାନଙ୍କ ରାଜସ୍ୱ ବୃଦ୍ଧିର ଏହା ଏକ ପ୍ରମୁଖ କାରଣ। ଗୁଜରାଟ ଓ ମହାରାଷ୍ଟ୍ରରେ କପା, ଆଖୁ ଭଳି ଭଳି ଅର୍ଥକାରୀ ଫସଲ ଅନେକଙ୍କୁ ରୋଜଗାର ଦେଇଛି। ଆସାମରେ ଚା' ଶିଳ୍ପରେ ଅନେକ ନିଯୁକ୍ତି ସୁଯୋଗ ପାଇଛନ୍ତି। ଆଳୁ ଉତ୍ପାଦନରେ ପଶ୍ଚିମବଙ୍ଗ, ପିଆଜ ଉତ୍ପାଦନରେ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ, ସେଓ ଉତ୍ପାଦନରେ ହିମାଚଳ ପ୍ରଦେଶ ଏବଂ ଜାମ୍ମୁ-କାଶ୍ମୀର ଅଗ୍ରଣୀ। ସେମାନଙ୍କ ରାଜ୍ୟର କୃଷକମାନେ ଏଥିଲାଗି ଅପେକ୍ଷାକୃତ ସ୍ୱଚ୍ଛଳ। ଓଡ଼ିଶାରେ ମଧ୍ୟ ବିଗତ ୫୦ ବର୍ଷ ଭିତରେ କୃଷି ଓ କୃଷକଙ୍କ କଲ୍ୟାଣ ସାଧନ ହୋଇଛି। ଓଡ଼ିଶା ଆଜି ଚାଉଳ ଉତ୍ପାଦନରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ। ରାଜ୍ୟର ଚାଷୀଙ୍କ ଆର୍ଥିକ ସ୍ଥିତି ଧିରେ ଧିରେ ଉନ୍ନତ ହେଉଛି। କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ। କୃଷି ଓ କୃଷକ କଲ୍ୟାଣ ନିମନ୍ତେ ଆହୁରି ଅନେକ କାମ କରିବାକୁ ଅଛି। ଓଡ଼ିଶାର ଅର୍ଥନୀତି ମଧ୍ୟ ଅନେକାଂଶରେ କୃଷି ଉପରେ ନିର୍ଭରଶୀଳ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା କୃଷକଙ୍କ ସ୍ୱାର୍ଥ ରକ୍ଷା ଲାଗି ସରକାର ବିଶେଷ ପ୍ରୟାସ କରୁନାହାଁନ୍ତି। କୃଷିଜାତ ସାମଗ୍ରୀର ଏମଏସପି ପ୍ରତିବର୍ଷ ବୃଦ୍ଧି ପାଉଛି। କିନ୍ତୁ କୃଷକଙ୍କ ପାଇଁ ବଜାର ବ୍ୟବସ୍ଥା ସୁଦୃଢ଼ ନୁହେଁ। ଫଳରେ ଅନେକ ଚାଷୀ ଅଭାବୀ ବିକ୍ରିର ଶୀକାର ହେଉଛନ୍ତି। ଅକ୍ଲାନ୍ତ ପରିଶ୍ରମ କରି ଚାଷୀ ଯେତିକି ରୋଜଗକାର କରିପାରୁନି, କୃଷିଜାତ ସାମଗ୍ରୀର ବ୍ୟବସାୟ କରି ଜଣେ ତାଠାରୁ ଅଧିକ ସ୍ୱଚ୍ଛଳ ଜୀବନ ଯାପନ କରିପାରୁଛି। ଏହାର ମୁଖ୍ୟ କାରଣ ହେଲା ଚାଷୀଙ୍କୁ ଶୋଷଣ। ପ୍ରତି କ୍ଷେତ୍ରରେ ଚାଷୀ ଶୋଷଣ ଏବଂ ଅନ୍ୟାୟର ଶିକାର ହେଉଛି। ଉଦାହରଣ ସ୍ୱରୂପ ସରକାର ଚାଷୀଙ୍କଠାରୁ ସର୍ବ ନିମ୍ନ ସହାୟକ ଭୂଲ୍ୟ(ଏମଏସପି)ରେ ଧାନ କିଣିବାକୁ ମଣ୍ଡି ଖୋଲିଛନ୍ତି। ଚାଷୀ ମଣ୍ଡିକୁ ଯାଇ ଧାନ ବିକିଲେ ଭଲ ମୂଲ୍ୟ ପାଇବ ବୋଲି ଧାନ ବସ୍ତା ନେଇ ମଣ୍ଡିକୁ ଯାଉଛି। ଏଥିପାଇଁ ଚାଷୀଙ୍କୁ ପୂର୍ବରୁ ପଞ୍ଜିକୃତ ହେବାକୁ ପଡ଼ିବ। ଧାନ ନେବା ପରେ ତାଙ୍କୁ ଟୋକନ ମିଳିବ। ଏହି ଟୋକନ ଦେଖାଇ ଧାନ ବିକ୍ରି କରିପାରିବେ। ଏକର ପିଛି ଜଣେ ଚାଷୀ କେତେ ଧାନ ବିକ୍ରୀ କରିପାରିବ ତାହା ମଧ୍ୟ ନିର୍ଦ୍ଧାରିତ ହୋଇଛି। ଧାନ ବିକ୍ରୀ କରିବା ପରେ ଡିବିଟି ମାଧ୍ୟମରେ ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯିବ। ବ୍ୟବସ୍ଥା ଭଲ। କିନ୍ତୁ ଏହି ବ୍ୟବସ୍ଥା ଭିତରେ ଏତେ ଅବ୍ୟବସ୍ଥା ରହିଛି ଯେ ତାହା ଅନେକ ଚାଷୀଙ୍କୁ ମଣ୍ଡିକୁ ଧାନ ନେଇ ଯିବାରେ ନିରୁତ୍ସାହିତ କରୁଛି। ଏହାର ଫାଇଦା ଉଠାଇ ଅନେକ ବ୍ୟବସାୟୀ ଚାଷୀଙ୍କଠାରୁ ସ୍ୱଳ୍ପ ମୂଲ୍ୟରେ ଧାନ କିଣି ନିଜେ ମଣ୍ଡିକୁ ଯାଉଛନ୍ତି କିମ୍ବା ଏହାକୁ ଚାଉଳ କରି ଚଢ଼ା ଦରରେ ବିକ୍ରୀ କରୁଛନ୍ତି। ତେଣୁ ଚାଉଳ ଦର ବଢୁଛି। ଭାରତରେ ଅଧିକାଂଶ ଚାଷୀ ହେଉଛନ୍ତି ସରଳ ଏବଂ ଅଶିକ୍ଷିତ। ସେମାନେ ଏତେ ନିୟମ କାନୁନ ସହିତ ଅଭ୍ୟସ୍ତ ବା ପରିଚିତ ନୁହଁନ୍ତି। ତେଣୁ ମଣ୍ଡିରେ ଧାନ ବିକ୍ରୀ ବ୍ୟବସ୍ଥା ସରଳ ହେବା ଉଚିତ। ଅଭିଯୋଗ ହେଉଛି ଯେ, ମଣ୍ଡିରେ ଧାନ ବିକ୍ରୀ ବେଳେ ଏଫଏକ୍ୟୁ ନିୟମକୁ କଡ଼ାକଡ଼ି କରାଯାଉଛି। ଅଦିନିଆ ବର୍ଷାରେ ଫସଲ ହାନି ବା ଧାନର ମାନ ହ୍ରାସ ପାଇଲେ ଏହାର ବିକ୍ରୀ ସହଜ ହେଉନି। ଆଉ ପ୍ରତି କୁଇଣ୍ଟାଲ ଧାନରେ ୧୦/୧୨ କେଜି ଧାନ କାଟି ଦିଆଯାଉଛି। ଅର୍ଥାତ ଜଣେ ଚାଷୀ ୧୦ କୁଇଣ୍ଟାଲ ଧାନ ବିକିଲେ ତାକୁ ୯ କୁଇଣ୍ଟାଲ ଧାନର ମୂଲ୍ୟ ମିଳୁଛି। ମଣ୍ଡିରେ ଧାନର ଏହି କଟନି ଛଟନି ଏକପ୍ରକାର ଦୁର୍ନୀତିର ପରିଣତ ହୋଇଛି। କେବଳ ଚଳିତ ବର୍ଷ ନୁହେଁ, ପ୍ରତିବର୍ଷ ଏଭଳି କଟନି ଛଟନି ଚାଲୁଛି। ସବୁ ବେଳେ ବିଧାନସଭା ଭିତରେ ଓ ବାହାରେ ଏହା ଉପରେ ଆଲୋଚନା, ସମାଲୋଚନା, ତୁମ୍ଭି ତୁଫାନ ହେଉଛି। ସରକାର ପ୍ରତିଶ୍ରୁତି ଦେଉଛନ୍ତି ଯେ, କଟନି ଛଟନି ବନ୍ଦ କରିବାକୁ କଡ଼ା ପଦକ୍ଷେପ ନିଆଯିବ। କିନ୍ତୁ ସ୍ଥିତିରେ କିଛି ଉନ୍ନତି ବା ପରିବର୍ତ୍ତନ ଆସୁନି। ଚାଷୀ ସଙ୍ଗଠନ ଗୁଡ଼ିକ ଏହା ବିରୋଧରେ ରାସ୍ତାକୁ ଓହ୍ଲାଇଲେ ମଧ୍ୟ କିଛି ଫରକ ପଡୁନି। ଗୋଟିଏ ପଟେ କେନ୍ଦ୍ର ସରକାର ଧାନର ଏମଏସପି ବୃଦ୍ଧି କରିଛନ୍ତି। ରାଜ୍ୟ ସରକାର ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କା ବୋନସ ଦେଉଛନ୍ତି। ରାଜ୍ୟର ଚାଷୀଙ୍କୁ ସାଧାରଣ ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା ଦେବାକୁ ଘୋଷଣା କରାଯାଇଛି। କିନ୍ତୁ ଏହି ଘୋଷଣାର କିଛି ମୂଲ୍ୟ ନାହିଁ। କଟନି ଛଟନିରେ ଚାଷୀ ବୋନସ ଅର୍ଥ ହରାଉଛନ୍ତି। ନିକଟରେ ବାଲେଶ୍ୱର ଜିଲ୍ଲାପାଳ ସାଧାରଣ ଚାଷୀ ବେଶରେ ମଣ୍ଡିକୁ ଯାଇ ଧାନ ବିକିବାକୁ କହିବା ବେଳେ ବାସ୍ତବ ସ୍ଥିତି ଜାଣିବାକୁ ପାଇଛନ୍ତି। ଏଥିନେଇ ସେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଇଛନ୍ତି । କିନ୍ତୁ ଏହା କେବଳ ଧର୍ମକୁ ଆଖିଠାର ସଦୃଶ। ସାରା ରାଜ୍ୟରେ ଏପରି କଟନି ଛଟନି ଚାଲୁଥିବା ବେଳେ କେତେ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ? ବିଧାନସଭାରେ ଏହାକୁ ନେଇ ବିରୋଧୀ ଗର୍ଜିଛନ୍ତି। କିନ୍ତୁ ଆଜି ଯେଉଁମାନେ ବିରୋଧୀ ଆସନରେ ବସିଛନ୍ତି ସେମାନେ କାଲି ଶାସନ କ୍ଷମତାରେ ଥିବା ବେଳେମଧ୍ୟ ଏହା ଚାଲୁଥିଲା। ଏଥିପାଇଁ ପୁରା ବ୍ୟବସ୍ଥା ଦାୟୀ। ଏହାକୁ ରୋକିବାକୁ ହେଲେ ବ୍ୟବସ୍ଥାରେ ଆମୂଳଚୁଳ ପରିବର୍ତ୍ତନର ଆବଶ୍ୟକତା ରହିଛି। ସବୁ ବ୍ୟବସ୍ଥାରେ କିଛି ଅନିୟମିତତା ରହିବ। କିଛି ଦୁର୍ନୀତି ଓ ଶୋଷଣ ହେବ। କିନ୍ତୁ ଏଥିରେ ସାଧାରଣ ହିତାଧିକାରୀ ଯେପରି ଅସୁବିଧାର ସମ୍ମୁଖୀନ ନହୁଏ ଏବଂ ଅନ୍ୟାୟର ଶିକାର ନହୁଏ ତାହାକୁ ସୁନିଶ୍ଚିତ କରାଯିବା ଉଚିତ। ଚାଷୀମାନେ ଦିନ ଦିନ ଧରି ଖରା ବର୍ଷା ଶୀତ କାକରରେ ଯେପରି ମଣ୍ଡି ଆଗରେ ଧାନ ରଖି ଜଗି ରହୁଛନ୍ତି ତହା ଦୁର୍ଭାଗ୍ୟଜନକ ଏବଂ ଚିନ୍ତାର ବିଷୟ।

# ସ୍ନାନବେଦୀରେ ଶ୍ରୀଜଗନ୍ନାଥ

**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ■**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଲୀଳା ଭିତରେ ଶ୍ରେଷ୍ଠ ଲୀଳା ହେଉଛି 'ଦେବସ୍ନାନ ନୀତି'। ମାନବୀୟ ଲୀଳାରେ ସେ ଆମ ମାନଙ୍କ ପରି ବଡ଼ଭାଇ ଓ ସାନ ଭଉଣୀଙ୍କ ସହିତ ଦିବ୍ୟ ସ୍ନାନ କରିଥାନ୍ତି ଏହା ହିଁ ହେଉଛି ମହାପ୍ରଭୁଙ୍କ ଶ୍ରୀମନ୍ଦର ସର୍ତ୍ତ୍ୱଲିପିରେ ଉଲ୍ଲେଖ ଥିବା ସ୍ନାନ ସେବା କାର୍ଯ୍ୟକ୍ରମ ଏ ନୀତିର ଅନ୍ୟ ଏକ ସ୍ୱତନ୍ତ୍ରତା ହେଉଛି ଦ୍ୱାଦଶ ଯାତ୍ରା ଭିତରୁ ଶ୍ରେଷ୍ଠ ଯାତ୍ରା ଭାବେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଏହି ଦେବସ୍ନାନ ନୀତି ବର୍ଷକରେ ଥରେ ସ୍ନାନ ମଣ୍ଡପରେ ଆମ ଭଳି ଅଗଣିତ ଶ୍ରଦ୍ଧାଳୁଙ୍କୁ ଦର୍ଶନ କୃପା କରିଥାନ୍ତି।



ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପୂର୍ଣ୍ଣମୀ ତିଥିରେ ଶ୍ରୀକ୍ଷେତ୍ରରେ ସ୍ନାନଯାତ୍ରା ଅନୁଷ୍ଠିତ ହୁଏ। ଏହି ସ୍ନାନଯାତ୍ରାକୁ ଦେବସ୍ନାନ କୁହାଯାଏ। ଏହିଦିନ ଶ୍ରୀମନ୍ଦିର ସ୍ନାନ ମଣ୍ଡପ ଉପରେ ଶ୍ରୀଜଗନ୍ନାଥ, ସୁଭଦ୍ରା, ବଳଭଦ୍ର ଓ ସୁଦର୍ଶନଙ୍କୁ ୧୦୮ କଳସୀ ଅଭିମନ୍ତ୍ରିତ ପବିତ୍ର ଜଳରେ ସ୍ନାନ କରାଯାଏ। ସାଧାରଣତଃ ବର୍ଷକରେ ଥରୁଟିଏ ଶ୍ରୀଜଗନ୍ନାଥ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହିତ ଜଳସ୍ନାନ କରିବାର ପରମ୍ପରା ରହିଛି। ଏହାପରେ ଦିଅଁ ମାନଙ୍କୁ ଗଜାନନ ବେଶ ବା ଗଜବେଶରେ ସୁସଜ୍ଜିତ କରାଯାଏ। ମହାପ୍ରଭୁ ଦାରୁବ୍ରହ୍ମ ରୂପ ଧାରଣ କରିବା ପରେ ମହାରାଜ ଇନ୍ଦ୍ରଦ୍ୟୁମ୍ନ ପ୍ରଥମ ମଙ୍ଗଳମୟ ମୁହୂର୍ତ୍ତରେ ଏହି ସ୍ନାନ ଲୀଳା କରାଇ ଥିବାରୁ ଏହା ଦାରୁବ୍ରହ୍ମଙ୍କର ଆଦ୍ୟଲୀଳା ବୋଲି କୁହାଯାଏ। ଜ୍ୟେଷ୍ଠମାସ ପୂର୍ଣ୍ଣମୀରେ ମହାପ୍ରଭୁଙ୍କ ପ୍ରଥମଲୀଳା ଜାତି, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ଦର୍ଶନ କରୁଥିବାରୁ ତାଙ୍କର ଏହି ଲୀଳାକୁ ପତିତପାବନ ଲୀଳା ମଧ କୁହାଯାଏ। ସେତେବେଳେ ସ୍ନାନମଣ୍ଡପ ନଥିବାରୁ ଏକ କାଠର ମଞ୍ଚ ନିର୍ମାଣ କରାଯାଇ ଦିଅଁମାନଙ୍କର ସ୍ନାନବିଧି ସମାପନ କରାଯାଇଥିଲା।

ଶ୍ରୀମନ୍ଦିର ସର୍ତ୍ତ୍ୱଲିପିରେ ଉଲ୍ଲେଖ ରହିଛି ଗଙ୍ଗବଂଶୀ ତୃତୀୟ ଅନଙ୍ଗଭୀମ ଦେବଙ୍କ ଶାସନ କାଳ ଅର୍ଥାତ୍ ଖ୍ରୀଷ୍ଟ ୧୨୧୧-୧୨୩୮ ସମୟରେ ବର୍ତ୍ତମାନର ଶ୍ରୀମନ୍ଦିର ପ୍ରତିଷ୍ଠା ସମୟରୁ ଦେବସ୍ନାନ କାର୍ଯ୍ୟକ୍ରମ ନିମିତ୍ତ ସୁନା କୂଅ ଖନନ ହୋଇଥିଲା। ସ୍ନାନ ପୂର୍ଣ୍ଣିମା ପୂର୍ବଦିନ ସାଧାରଣ ଦିନ ପରି ଶ୍ରୀମନ୍ଦିରରେ କବାଟଫିଟା, ପାହାଣ୍ଡିଆ ଅବକାଶ, ସକାଳଧୂପ ଆଦି ନୀତି ସମାପନ ପରେ ଅଳ୍ପ ସମୟ ପାଇଁ ପହୁଡ଼ ହୁଏ। ପରେ ପରେ ସ୍ନାନ ପୂର୍ଣ୍ଣମାର ବିଧି ଆରମ୍ଭ ହୋଇଯାଏ। ପ୍ରଭୁଙ୍କର ସେନାପଟା ଓ ବାହୁଟିନାଗି କରାଯାଏ। ରତ୍ନ ସିଂହାସନ ଉପରେ ମଙ୍ଗଳାର୍ପଣ ହୁଏ। ଦିଅଁମାନଙ୍କୁ ସେବକମାନେ ପହଣ୍ଡି କରାଇ ସାତ ପାହାଚକୁ ଆଣନ୍ତି। ଏହିଠାରେ ଟାହିଆ ନାଗି ହେବାପରେ ଦ୍ୱିତୀୟ ମଙ୍ଗଳାର୍ପଣ ହୁଏ। ବନ୍ଦାପନା ଓ ପନ୍ତି ଖାଇବା ପରେ ଦିଅଁମାନେ ସ୍ନାନବେଦୀକୁ ଯାଇ ଆସ୍ଥାନ ଉପରେ ଅବସ୍ଥାନ କରନ୍ତି। ଦେବସ୍ନାନ ପୂର୍ଣ୍ଣମୀର ପୂର୍ବଦିନ ଦିଅଁମାନଙ୍କ ପାଇଁ ଶ୍ରୀମନ୍ଦିରର ସୁନା କୂଅରୁ ୧୦୮ କଳସୀ ଜଳ ସଂଗ୍ରହ କରାଯାଇଥାଏ। ଏହି କୂଅଟି ବର୍ଷସାରା ବ୍ୟବହାର ହେଉ ନଥିବାରୁ ଏଥିରେ ଆସିଥିବା ଜଳକୁ ଅଣତୁଠ ଜଳ ବୋଲି କୁହାଯାଏ। ତେଣୁ ଏହି ୧୦୮ କଳସୀ ଜଳରେ ଅଷ୍ଟବନ୍ଧ, ଅଗୁର, ମୁଥା, ହରିଡ଼ା, ଉଶୀର, ଆମଳୀକ, ଗୋରଚନା, ଦେବଦାରୁ, ବାହାଡ଼ା, ସଞ୍ଜିଷ୍ଠା, ତାମ୍ରପର୍ଣ୍ଣୀ, ଲୋଧା ଓ ସୋମପର୍ଣ୍ଣୀ ତେରଟି ପଦାର୍ଥ ମିଶ୍ରଣ କରାଯାଇ ଜଳକୁ ବୈଦିକ ତାନ୍ତ୍ରିକ ଓ ପୁରାଣ ଶାସ୍ତ୍ର ପରମ୍ପରାରେ ଅଭିମନ୍ତ୍ରିତ କରାଯାଏ। ଏହି ଗନ୍ଧଯୁକ୍ତ ଅଭିମନ୍ତ୍ରିତ ଜଳରେ ଶ୍ରୀଜଗନ୍ନାଥଙ୍କୁ ୩୫ କଳସୀ, ୩୩ କଳସୀ ବଳଭଦ୍ରଙ୍କୁ, ସୁଭଦ୍ରାଙ୍କୁ ୨୨ କଳସୀ ଓ ୧୮ କଳସୀ ଜଳରେ ସୁଦର୍ଶନଙ୍କୁ ସ୍ନାନ କରାଯାଏ। ତାପରେ ଠାକୁରମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ଫେରନ୍ତି। ଏହି ଚତୁର୍ଦ୍ଧାମୂର୍ତ୍ତି ସ୍ନାନପୂର୍ଣ୍ଣିମା ଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ୧୫ ଦିନ ଧରି ଜ୍ୱରରେ ପଡ଼ନ୍ତି। ଏହି ୧୫ ଦିନ ଭକ୍ତମାନେ ଦିଅଁମାନଙ୍କୁ ଦର୍ଶନ ପାଇ ପାରନ୍ତି ନାହିଁ। ତେଣୁ ଏହି ସମୟ ମଧରେ ଭକ୍ତମାନେ ନିକଟସ୍ଥ ବ୍ରହ୍ମଗିରିରେ ପୂଜିତ ଅଲାରନାଥଙ୍କୁ ଦର୍ଶନ କରିଥାନ୍ତି।

ଦେବସ୍ନାନ ପୂର୍ଣ୍ଣିମା ଦିନ ଚତୁର୍ଦ୍ଧା ମୂର୍ତ୍ତି ଗଜବେଶରେ ସଜ୍ଜିତ ହୁଅନ୍ତି। ଏହା ଏକ କିମ୍ବଦନ୍ତୀ ସମ୍ବଳିତ ବେଶ। ମହାରାଷ୍ଟ୍ରର ଏକ ବ୍ରାହ୍ମଣ ଗଣପତି ଭଟ୍ଟ ଶ୍ରୀକ୍ଷେତ୍ରର ମହିମା ଶୁଣି ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇ ଆସିଲେ। ସେ ଥିଲେ ଭଗବାନ ଗଣେଶଙ୍କ ଭକ୍ତ। ଦାରୁ ବିଗ୍ରହ ଦର୍ଶନରେ ଗଜ ରୂପ ଦେଖି ନପାରିବାରୁ ସେ ପରମବ୍ରହ୍ମଙ୍କୁ ମାନିବାକୁ ଅସ୍ୱୀକାର କରି ମନ୍ଦିର ପରିତ୍ୟାଗ କଲେ। ପରଦିନ ଥିଲା ଦେବସ୍ନାନ ପୂର୍ଣ୍ଣିମା। ମହାପ୍ରଭୁଙ୍କ ଆଦେଶରେ ବଡ଼ପଣ୍ଡା ଗଣପତି ଭଟ୍ଟଙ୍କୁ ସ୍ନାନଯାତ୍ରା ଦେଖିବା ପାଇଁ ଆମନ୍ତ୍ରଣ କଲେ। ତାଙ୍କ ଦୃଷ୍ଟି ସମ୍ମୁଖରେ ଶ୍ରୀଜଗନ୍ନାଥ ରୂପ ପରିବର୍ତ୍ତନ ହୋଇ ଗଣପତି ରୂପ ହୋଇଗଲା। ଏହି ଅଲୌକିକ ଘଟଣା ଦେଖି ଗଣପତି ଭଟ୍ଟଙ୍କ ଜ୍ଞାନ ଉଦୟ ହେବାରୁ ସେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶରଣାପନ୍ନ ହୋଇ ପ୍ରାର୍ଥନା କଲେ। ତାଙ୍କ ପ୍ରାର୍ଥନାରେ ପ୍ରଭୁ ସନ୍ତୁଷ୍ଟ ହୋଇ ତାଙ୍କୁ ବର ପ୍ରଦାନ କଲେ ଯେ ପ୍ରତିବର୍ଷ ଏହି ସ୍ନାନପୂର୍ଣ୍ଣିମାରେ ସେ ଗଜବେଶ ଧାରଣ କରିବେ। ଏହି ଘଟଣା ଠାରୁ ପ୍ରତିବର୍ଷ ଚତୁର୍ଦ୍ଧାମୂର୍ତ୍ତି ଗଜବେଶ ଧାରଣ କରୁଥିବାର ଲୋକ ବିଶ୍ୱାସ ରହିଛି। ଦେବସ୍ନାନ ପୂର୍ଣ୍ଣିମାର ଏହି ପବିତ୍ର ତିଥିରେ ପୁରୀରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୁଏ। ଏପରିକି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାରା ରାତି ଭଜନ ସମାରୋହ ଅନୁଷ୍ଠିତ ହୋଇଥାଏ। ଭକ୍ତ ଭଗବାନଙ୍କ ଏହି ଅପୂର୍ବ ମିଳନ ଶ୍ରୀକ୍ଷେତ୍ରକୁ ସମଗ୍ର ରାତି ଉଜାଗର କରିଥାଏ।

ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଓ ସାଲବେଗ ବୃତ୍ତାନ୍ତ

**ବିପିନ ବିହାରୀ ମହାନ୍ତି ■**

ରଥଯାତ୍ରା କହିଲେ ଶ୍ରୀ ଜଗନ୍ନାଥଙ୍କ ଘୋଷଯାତ୍ରାକୁ ବୁଝାଏ। ଯେଉଁ ଯାତ୍ରାରେ ଭଗବାନଙ୍କର ଭକ୍ତମାନଙ୍କ ପାଇଁ 'ଭକ୍ତବତ୍ସଳ' ଘୋଷଣା ଥାଏ; ଭକ୍ତମାନଙ୍କର ଜୟ ଯାତ୍ରା ଥାଏ, ତାହାହିଁ ଘୋଷ ଯାତ୍ରା। ଏମିତିରେ ରଥଯାତ୍ରାକୁ ମହାବେଦୀ ବା ଯଜ୍ଞବେଦୀ ଅଥବା ଶ୍ରୀ ଗୁଣ୍ଡିଚା ଯାତ୍ରା କୁହନ୍ତି। ଏହାକୁ ମଧ ଆଡ଼ପ ମଣ୍ଡପ ଯାତ୍ରା କୁହନ୍ତି। ଏହିଠାରେ ଠାକୁରମାନଙ୍କର ଜନ୍ମଗ୍ରହଣ ହୋଇଥିବାରୁ ଏବଂ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ଅଶ୍ୱମେଧ ଯଜ୍ଞ କାରଣରୁ ଏକ ସ୍ମୃତିଚାରଣ ସ୍ୱରୂପ ଏହି ଯାତ୍ରା ଅନୁଷ୍ଠିତ ହୋଇ ଆସୁଛି ବୋଲି ଅନେକ ମତ ଦେଲେ ହେଁ, ଏହା ଭାବ, ଭକ୍ତ ଓ ଭଗବାନଙ୍କର ନିଗୁଢ଼ ସଂପର୍କର ଯାତ୍ରା।

ଜଗନ୍ନାଥ ଧର୍ମ ଏକମାନବବାଦୀ ଧର୍ମ। ଏହା ଜାତି, ସଂପ୍ରଦାୟ, ଦେଶ ଏବଂ କାଳ ଇତ୍ୟାଦିର ସଂକୀର୍ଣ୍ଣତାର ଉର୍ଦ୍ଧ୍ୱରେ। ଏହା ସାମ୍ୟ, ମୈତ୍ରୀ, ଶାନ୍ତି ଏକତା ଓ ଭାତୃଭାବର ପ୍ରତୀକ। ଏଥିପାଇଁ ସବୁଧର୍ମକୁ ସମନ୍ୱୟକରି ଜଗନ୍ନାଥ ପାଲଟିଛନ୍ତି ଜଗତାର ନାଥ। ତାଙ୍କଠି ସବୁ ପନ୍ଥୀ ସମାନ। ସେ ରାମମାନଙ୍କର ରହିମମାନଙ୍କର... ଯେତେ ବାଦ ଅଛି ସମସ୍ତଙ୍କର। ସେ ମ୍ଲେଚ୍ଛର, ଦାସିଆ ବାଉରୀର, ରଘୁ ଅର୍କ୍ଷିତର, ରାମଦାସର, ବଳରାମ ଦାସର, ଯବନ ଭକ୍ତ ରସଖାନ, ହରିଦାସ ଏବଂ ସାଲବେଗର। ଯିଏ ତାକୁ ଭାବରେ ଡାକିଲା, ସେ ତା'ର। ସେ ତା' ପାଖରେ ବନ୍ଧା। ଏହିପରି ଭକ୍ତମାନଙ୍କ ଦର୍ଶନାର୍ଥେ, ଉଦ୍ଧାରାର୍ଥେ, ପତିତତାରଣାର୍ଥେ, ପାପ ମୋଚନ ଓ ଖଣ୍ଡନାର୍ଥେ ତଥା ନିର୍ବାଣ ଅର୍ଥେ ଘୋଷଯାତ୍ରା ବା ପ୍ରଭୁଙ୍କର ନବଦିନ ଯାତ୍ରାର ଉଦ୍ଦେଶ୍ୟ। ମନ୍ଦିରର ସମସ୍ତ କୁସଂସ୍କାର ତଥା ସଂକୀର୍ଣ୍ଣତା ଦୂରକରି ମୁକ୍ତଦାଣ୍ଡରେ ବିଜେ କରନ୍ତି ପ୍ରଭୁ ଜଗନ୍ନାଥ। ଶାସ୍ତ୍ରମତେ ବଡ଼ଦାଣ୍ଡରେ



ରଥ ଉପରେ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କଲେ। ପୁନର୍ଜନ୍ମରୁ କୁଆଡ଼େ ମୁକ୍ତି ମିଳେ। : ରଥେତୁ ବାମନଂ ଦୃଷ୍ଟାପୁନର୍ଜନ୍ମ ନ ବିଦ୍ୟତେ।।'

ପୁନଶ୍ଚ କୁହାଯାଇଛି ଯେ, ନୀଳାଦ୍ରୌ ଦଶସହସ୍ରାଣି ଆଡ଼ପ ମଣ୍ଡପେ ଦିନେ। ଅର୍ଥାତ୍ ବଡ଼ ଦେଉଳର ଚାରି ଠାକୁରଙ୍କୁ ଦଶହଜାର ଦିନ ଦର୍ଶନ କରି ଯେତିକି ଫଳ ମିଳେ, ଆଡ଼ପ ମଣ୍ଡପରେ ଗୋଟିଏ ଦିନ ଦର୍ଶନ କଲେ, ସେତିକି ପୁଣ୍ୟଫଳ ମିଳେ। ଭକ୍ତମାନଙ୍କ ପାଇଁ ଭଗବାନଙ୍କର ଏହା ଏକ ଅବସର। ଏହି ସୁଯୋଗ ନେବାପାଇଁ ଭକ୍ତମାନେ ବିଶ୍ୱବ୍ରହ୍ମାଣ୍ଡରୁ ସେମାନେ ଜଗନ୍ନାଥ ଧର୍ମୀ ବା ବିଧର୍ମୀ ଯାହା ହୁଅନ୍ତୁ ପଛେ, ଧାଇଁ ଆସିଥାନ୍ତି। ଯିଏ ଯାହାହେଲେ ବି, ସେ ଭକ୍ତ। ଭକ୍ତର ମନୋବାଞ୍ଛା ପୂରଣ କରିବା ପ୍ରଭୁର ଧର୍ମ ହେତୁ, ବେଳେ ବେଳେ ପ୍ରଭୁର ରଥ ଭକ୍ତପାଇଁ ଅଟକି ଯାଏ। ଭକ୍ତ ସାଲାବେଗର କାହାଣୀ ଏହାର ଏକ ଦୃଷ୍ଟାନ୍ତ। ବଙ୍ଗ ସୁବେଦାର, ଲାଲବେଗର (୧୬୦୭-୧୬୦୮)ର ପୁତ୍ର ସାଲବେଗ। ଏହି ଲାଲବେଗ ଜଗନ୍ନାଥ ମନ୍ଦିର ଲୁଣ୍ଠନ କରିବା ଉଦ୍ଦେଶ୍ୟରେ ଆସିଥାନ୍ତି। ପିପିଲି ଦେଇ ଶ୍ରୀକ୍ଷେତ୍ର ଗଲାବେଳେ ଦାଣ୍ଡ ମୁକୁନ୍ଦ ପୁରର ଜଣେ ବିଧବା ବ୍ରାହ୍ମଣ ନାରୀ ଲଳିତାଙ୍କୁ ତାଙ୍କ ସ୍ନାନ ସମୟରେ ଲାଲବେଗ ଦେଖନ୍ତି ଏବଂ ତାଙ୍କ ରୂପ ଲାବଣ୍ୟରେ ମୁଗ୍ଧହୋଇ ଅପହରଣ କରି ନେଇ ରାଣୀ କରନ୍ତି ଏବଂ ତାଙ୍କ ନାମ ରଖନ୍ତି ଲାଲବିବି। ସେକୁଆଡ଼େ ଦାଣ୍ଡ ମୁକୁନ୍ଦପୁରର ମାଧବ ରଥ ଓ ସୁଲକ୍ଷଣା ଦେବୀଙ୍କ କନ୍ୟା ତଥା ମୃତ ବନ୍ଧୁ ମିଶ୍ରଙ୍କ ପତ୍ନୀଥିଲେ। ତାଙ୍କ ଗର୍ଭରୁ ସାଲବେଗଙ୍କ ଜନ୍ମ।

ଭିନ୍ନମତେ ସାଲବେଗ ଲାଲବେଗଙ୍କର ପ୍ରଥମ ପତ୍ନୀ ଫତିମା ବିବିଙ୍କର ପୁତ୍ର। ମାତ୍ର ଏନ୍ତୁଡ଼ିଶାଳରୁ ତାଙ୍କର ମୃତ୍ୟୁ ହେବାରୁ, ଲାଲ୍‌ବିବି ତାଙ୍କର ଲାଳନପାଳନ କରନ୍ତି। କେଉଁ କଥାଟି ସତ୍ୟ, ଏହା ସିଦ୍ଧାନ୍ତ ନେବା ପୂର୍ବରୁ ଅନ୍ତତଃ ସାଲବେଗଙ୍କୁ ଆଧାରକରି ଆମେ କହିବୁ ଯେ ସେ ଲଳିତା ବା ଲାଲବିବିଙ୍କ ପୁତ୍ର। ଏକଥା ସେ ନିଜେ ଘୋଷଣା କରି କୁହନ୍ତି ଯେ -

"ପିତା ମୋ ମୋଗଲ ବେଟା, ମାତା ମୋ ବ୍ରାହ୍ମଣୀ
ହୀନକୁଳେଜାତ ମୁହିଁ ହିନ୍ଦୁନଛୁଏଁ ପାଣି ।।"

ଏହି ସାଲବେଗ ପିତାଙ୍କର ପରି ଦୁର୍ଦ୍ଧଷ ଥିଲେ। ଏକଦା ରଣ କ୍ଷେତ୍ରରେ ଶତ୍ରୁକୁ ସାମ୍ନା କରିନପାରି କ୍ଷତ ବିକ୍ଷତ ହୋଇ ଅକର୍ମଣ୍ୟ ହୋଇ ପଡ଼ିଲେ ଏବଂ ଜୀବନକୁ ତୁଚ୍ଛ ମନେକରି ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଲେ। ଏକଥା ମା'ଙ୍କୁ ଜଣାଇଦେଲେ। ଭିନ୍ନମତେ ସେ ଶୈଶବରୁ ରୁଗ୍‌ଣ ଥିଲେ। ସେଥିରୁ ମୁକ୍ତିପାଇଁ କେଉଁଠି ଏପରି ନିଷ୍ପତ୍ତି ନେଲେ। ମା' ତାଙ୍କୁ ପ୍ରେରଣା ଦେଲେ : ତୁ ଗୋକୁଳଚନ୍ଦ୍ର ବୃନ୍ଦାବଳ ଚନ୍ଦ୍ରମାଙ୍କୁ ଡାକ। ସେ ଅବଶ୍ୟ ଗୁହାରି ଶୁଣିବେ। ନୋହିଲେ ଉଭୟ ଆତ୍ମହତ୍ୟା କରିବା।

ଉଭୟ ମାତା ଓ ପୁତ୍ର ଶ୍ରୀକୃଷ୍ଣଙ୍କର ଧାନରେ ବସିଲେ। ଦିନେ ରାତିରେ ପ୍ରଭୁ ତାଙ୍କ ପାଖରେ ବାଳମୁକୁନ୍ଦ ରୂପେ ଉପସ୍ଥିତ ହେଲେ। ସାଲବେଗଙ୍କୁ ଆଉଁଷି ଦେଇ କିଛି ବିଭୂତି ଲେପନ କରିଦେଲେ। ସକାଳୁ ସବୁଠିକ୍, ଏବେ ଗୋକୁଳଚନ୍ଦ୍ରଙ୍କ ପ୍ରତି ଅତୁଟ ବିଶ୍ୱାସରେ ବଂଚି ରହିଲେ ସେଦୁହେଁ। ଶ୍ରୀ ଚୈତନ୍ୟଙ୍କ ଉପରେ ଶ୍ରୀକ୍ଷେତ୍ରର ପ୍ରଭାବ ପରି ପରବର୍ତ୍ତୀ ସମୟରେ ତାଙ୍କୁ ଶ୍ରୀକ୍ଷେତ୍ର ଆକର୍ଷଣ କଲା। ଜଗନ୍ନାଥଙ୍କ ପ୍ରତି ସେ ସମର୍ପିତ ହୋଇଗଲେ। ତୁଣ୍ଡରେ ଧରିଲେ :

ଆରେ ଗୋଡ଼ ଯୋଡ଼ିକ ଥାଇବୋଇଲେ
ସତମୋ ବଚନରାମା ସତମୋ ବଚନ।
ଜଗନ୍ନାଥଙ୍କ ଶରଧାବାଲି ଚାଲିବାକୁ ମନ
ମୁଁ ଶ୍ରୀକ୍ଷେତ୍ର ଯିବି, ଆରେ ଶ୍ରୀକ୍ଷେତ୍ର ଯିବି।
ଜଗନ୍ନାଥଙ୍କର ଚକାଡ଼ୋଳା ନିତି ଦେଖୁଥିବି, ମୁଁ ଶ୍ରୀକ୍ଷେତ୍ର ଯିବି।'

ତାପରେ ଶ୍ରୀକ୍ଷେତ୍ର। ବୃନ୍ଦାବନ ଚନ୍ଦ୍ରରୁ ଜଗନ୍ନାଥଙ୍କୁ ଭକ୍ତିର ସ୍ୱର ବଦଳିଲା।

ଆହେ ନୀଳ ଶଇଳ ପ୍ରବଳ ମତ ବାରଣ, ମୋ ଆରତ ନଳିନୀ ବନକୁ କର ଦଳନ..।
କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ ଆମେ ଦର୍ଶନ କରିବା କାହାକୁ..।।
ଜଗନ୍ନାଥହୋ, କିଛି ମାଗୁନାହିଁ ତୋତେ, ଧନ ମାଗୁନାହିଁ ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ...।।'
ନୀଳଚକ୍ରେ ଦେଖ ଉଡୁଛି ବାନା, ପତିତପାବନ ବାନାଟି ଯାର ନାଁ...।
ଅ ଜଗ ବନ୍ଧୁହେ ଗୋସାଇଁ, ତୁମ୍ଭ ଶ୍ରୀ ଚରଣବିନୁ ଅନ୍ୟ ଗତି ନାହିଁ।'

ଇତ୍ୟାଦି ଭଜନ ଓ ସ୍ତୁତି ଚାଲିଲା।

କହିଛେ ଭକ୍ତାଧୀନ ଭଗବାନ। ସେ ଭକ୍ତର ଭାବରେ ବନ୍ଧା ବୋଲି ଭାବଗ୍ରାହୀ। ଭକ୍ତଲାଗି ଘୋଷଯାତ୍ରା। ଭକ୍ତର ଅପେକ୍ଷାରେ ଅଟକି ଯାଏ ରଥ। ଶୁଣାଯାଏ ସାଲବେଗ ଦୀର୍ଘଦିନ ପୁରୀରେ ଅବସ୍ଥାନ ପରେ ଶ୍ରୀ ବୃନ୍ଦାବନକୁ ଯାତ୍ରା କରିଥିଲେ। ଭାବିଥିଲେ ରଥ ଯାତ୍ରା ପୂର୍ବରୁ ସେ ଯେମିତି ହେଲେ ଫେରି ଆସିବେ; କିନ୍ତୁ ଶାରୀରିକ ଅସୁସ୍ଥତା ବଶତଃ ସେ ପଥ ମଧରେ ଅଟକିଗଲେ। ରଥା ଯାତ୍ରା ପୂର୍ବରୁ ଏତେବାଟ ଅତିକ୍ରମି ଆସିବାରେ ତାଙ୍କର ସାମର୍ଥ୍ୟ ନଥିଲା। ତଥାପି ମନ ମଧରେ ଏକାଗ୍ରତାର ସହିତ ସେ ନନ୍ଦିଘୋଷ ଉପରେ ଜଗନ୍ନାଥଙ୍କୁ ଦେଖିବାରେ ଅଭିଳାଷ ରଖି ଗାଇଥିଲେ :

'ଜଗବନ୍ଧୁ ହେ ଗୋସାଇଁ
ତୁମ୍ଭ ଶ୍ରୀଚରଣ ବିନୁ ଅନ୍ୟଗତି ନାହିଁ ।।୦।।
ସାତଶ ପଚାଶ କୋଶ ଚାଲି ନପାରଇ
ମୋ ଯିବାଯାଏଁ ନନ୍ଦିଘୋଷ ଥିବ ରହି ।।୧।।

ସାଲବେଗଙ୍କର ଆକୁଳ ନିବେଦନ ଜଗନ୍ନାଥଙ୍କର କର୍ଣ୍ଣଗୋଚର ହେଲା। ବଡ଼ଠାକୁର ଓ ସୁଭଦ୍ରାଙ୍କ ରଥ। ବଳଗଣ୍ଡି ଅତିକ୍ରମ କରି ଚାଲିଗଲା ଅଥଚ କାଳିଆର ରଥ ଶରଧାବାଲିରୁ ତିଳେ ହେଲେ ଘୁଞ୍ଚିଲା ନାହିଁ। ସେମିତି ପଡ଼ିରହିଲା ଏବଂ କେଉଁ ସୁଦୂର ପଥ ଅତିକ୍ରମି ଭକ୍ତ ସାଲବେଗ ଆସିଲାପରେ ଏବଂ ଦର୍ଶନ ଅନ୍ତେ ନନ୍ଦିଘୋଷ ଚାଲିଲା। ଏଥିରୁ ଅନୁମିତ ହୁଏ ଭକ୍ତପାଇଁ ଭଗବାନ ସୁବୁକିଛି। ସେହି ସାଲବେଗଙ୍କ ବାଣୀରେ :

ଏକାତୋ ଭକତ ଜୀବନ
ଭକତ ନିମନ୍ତେ ତୋର ଶଙ୍ଖଚକ୍ରଚିହ୍ନ ।।୦।।
ଭକତ ତୋ ପିତାମାତା ଭକତ ତୋ ବନ୍ଧୁ
ଭକତ ନିମନ୍ତେ ତୋର ନାମ କୃପାସିନ୍ଧୁ ।।୧।।

ଏବେ ତାଙ୍କରି ସ୍ମୃତିରେ ବଡ଼ଦାଣ୍ଡର ପ୍ରଥପ୍ରାନ୍ତେ ଭକ୍ତସାଲବେଗଙ୍କ ସମାଧିପୀଠ ଯେଉଁଠି ରଥବେଳେ କିଛିକ୍ଷଣ ଅଟକିଯାଏ ନନ୍ଦିଘୋଷ ରଥ। ଧନ୍ୟ ଏ ଘୋଷଯାତ୍ରା; ଧନ୍ୟ ଶ୍ରୀ ଜଗନ୍ନାଥଙ୍କର ଭକ୍ତବତ୍ସଳ ବାନା ଏବଂ ଧନ୍ୟ ଏ ଭକ୍ତସାଲବେଗ।

ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ,
ଦୂରଭାଷ : ୯୯୩୮୩୪୪୧୩୮



# ବିମାନରେ ଆଇନଜୀବୀଙ୍କୁ ମାଡ଼, ଥାନାରେ ମାମଲା

**ନୂଆଦିଲ୍ଲୀ,୨୮।୬(ଏଜେନ୍ସି):** ଇଣ୍ଡିଗୋ ବିମାନରେ ସୁପ୍ରିମକୋର୍ଟର ଜଣେ ଓକିଲଙ୍କୁ ମାଡ଼ ହୋଇଛି । ଦିଲ୍ଲୀରୁ ଜବଲପୁର ଯାଉଥିବା ବିମାନରେ ଘଟିଛି ଏପରି ଘଟଣା । ଏନେଇ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । କୋଲକାତା ବାସିନ୍ଦା ଆଡଭୋକେଟ୍ ସୁହାନ ମୁଖାର୍ଜୀ ନିଜର ତିନି ବର୍ଷର ଶିଶୁ ଓ ଜଣେ କେୟାରଟେକରଙ୍କ ସହ ଇଣ୍ଡିଗୋ ବିମାନ ୬ଇ-୬୦୩୮ରେ ଦିଲ୍ଲୀରୁ ଜବଲପୁର ଯାଉଥିଲେ । ତେବେ ବିମାନ ଯାତ୍ରା ସମୟରେ ହ୍ୟାଣ୍ଡ ବ୍ୟାଗେଜ ବାହାର କରିବାକୁ ନେଇ ଅନ୍ୟ ଜଣେ ଯାତ୍ରୀ ଯୋଗେଶ ବଂଶଲଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା । ଯାହା ପରବର୍ତ୍ତୀ ସମୟରେ ଉଗ୍ର ରୂପ ଧାରଣ କରିଥିଲା । କଥା ମାରପିଟ୍ ପର୍ଯ୍ୟନ୍ତ ଯାଇଥିଲା । ଓକିଲ ସୁହାନ ମୁଖାର୍ଜୀଙ୍କ ଅଭିଯୋଗ ଅନୁଯାୟୀ, ଯୋଗେଶ ବଂଶଲ ତାଙ୍କୁ ମାଡ଼ ମାରିଥିଲେ ।ଯାହାଫଳରେ ମୁଣ୍ଡ, କାନ୍ଧ ଓ ପିଠିରେ ଆଘାତ ଲାଗିଥିଲା । ଏପରିକି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଶ୍ରୀ ମୁଖାର୍ଜୀ ଜବଲପୁରରେ ପହଞ୍ଚିବା ପରେ ଖମରିଆ ଥାନା ଯୋଗେଶ ବଂଶଲଙ୍କ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ପୋଲିସ ଆଡଭୋକେଟ୍‌ଙ୍କ ମେଡିକାଲ ଚେକ୍ କରିଥିଲେ । ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଛି । ବିମାନ ଭିତରେ ଘଟିଥିବା ସମଗ୍ର ଘଟଣା ସହ ଜଡ଼ିତ ତଥ୍ୟ ଗୁଡ଼ିକର ଯାଞ୍ଚ କରାଯାଉଛି ।

ଏହି ମାମଲାରେ ରାଜ୍ୟସଭା ସାଂସଦ ତଥା ବରିଷ୍ଠ ଆଇନଜୀବୀ ବିବେକ ତନ୍ଖା ମଧ୍ୟ ପ୍ରତିକ୍ରିୟା ଦେଇଛନ୍ତି। ସେ 'ଏକ୍ସ'ରେ ଦୁଃଖ ପ୍ରକାଶ କରିଛନ୍ତି । ପର୍ଯ୍ୟଟକ ଓ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଏଥିସହ ଏଫ୍ଆଇଆର୍ ରୁଜୁ ହେବାରେ କଥିତ ବିଳମ୍ବକୁ ନେଇ ସେ ମଧ୍ୟପ୍ରଦେଶ ପୋଲିସ ଓ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି । ଅନ୍ୟପକ୍ଷରେ ପୋଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ଅଭିଯୋଗ ଆଧାରରେ ସମଗ୍ର ମାମଲାର ଯାଞ୍ଚ କରାଯାଉଛି । ଉପଲବ୍ଧ ତଥ୍ୟ ଓ ପ୍ରମାଣ ଆଧାରରେ ଆଗାମୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଜାତୀୟ ଯୁଦ୍ଧ ସ୍ମାରକୀରେ ସହିଦଙ୍କ ନାମ ସ୍ଥାନ ପାଇବା ପରେ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଘେରିଲା କଂଗ୍ରେସ

**ନୂଆଦିଲ୍ଲୀ,୨୮।୬(ଏଜେନ୍ସି):** ପହଲଗାମ୍ ଆକ୍ରମଣର ଜବାବରେ ଗତ ୨୦୨୫ ମେ' ମାସରେ ପାକିସ୍ତାନ ବିରୋଧରେ କରାଯାଇଥିବା 'ଅପରେସନ୍ ସିନ୍ଦୂର'ରେ ସହିଦ ହୋଇଥିବା ୬ ଜଣ ସେନା ଯବାନଙ୍କ ନାମ ନୂଆଦିଲ୍ଲୀ ସ୍ଥିତ ଜାତୀୟ ଯୁଦ୍ଧ ସ୍ମାରକୀରେ ସ୍ଥାନ ପାଇବା ପରେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି । କଂଗ୍ରେସ ନେତା ପବନ ଖେଡ଼ା ଏହି ପ୍ରସଙ୍ଗକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ କଡ଼ା ସମାଲୋଚନା କରିଛନ୍ତି ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ରାଜନାଥ ସିଂହଙ୍କର ଏକ ପୁରୁଣା ସଂସଦୀୟ ଭାଷଣର ଭିଡିଓ କ୍ଲିପ୍ ସେୟାର କରିଛନ୍ତି,ଯେଉଁଥିରେ ପ୍ରତିରକ୍ଷା ମନ୍ତ୍ରୀ 'ଅପରେସନ୍ ସିନ୍ଦୂର'ର ସଫଳତା ଓ ପାକିସ୍ତାନ ସୀମାରେ ଭାରତର ପାଲଟା ଆକ୍ରମଣ ସମ୍ପର୍କରେ ସୂଚନା ଦେଉଥିଲେ । ସେହି ସମୟରେ ଅପରେସନର ରଣନୀତି ଉପରେ ଗୁରୁତ୍ୱ ଦିଆଯାଇଥିଲେ ହେଁ ଭାରତୀୟ ସେନାର ପ୍ରାଣବଳୀ ବା କ୍ଷୟକ୍ଷତି ସମ୍ପର୍କିତ ସୂଚନା ସ୍ପଷ୍ଟ ଭାବେ ଉପସ୍ଥାପନ କରାଯାଇନଥିବା କଂଗ୍ରେସ ଅଭିଯୋଗ ଲଗାଇଛି । ଭିଡିଓଟିକୁ ଆଧାର କରି ପବନ ଖେଡ଼ା ଦାବି କରିଛନ୍ତି ଯେ ନିକଟରେ ଘଟିଥିବା ବିକାଶକ୍ରମ ପରେ ଏହି ମାମଲାରେ କେବଳ ଦୁଇଟି ସମ୍ଭାବନା ଦେଖାଯାଉଛି । ପ୍ରଥମତଃ, ସଂସଦରେ ଭାଷଣ ଦେବା ସମୟରେ ପ୍ରତିରକ୍ଷା



ମନ୍ତ୍ରୀ ନିଜ ବିଭାଗର ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ବା ୬ ଜଣ ଯବାନ ସହିଦ ହେବା ତଥ୍ୟ ବାବଦରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ, ଯାହା ତାଙ୍କ କାର୍ଯ୍ୟଦକ୍ଷତା ଓ ନେତୃତ୍ୱ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଦ୍ୱିତୀୟ ସମ୍ଭାବନା ହେଉଛି ସେ ସବୁ କିଛି ଜାଣିଶୁଣି ମଧ୍ୟ ଦେଶର ସର୍ବୋଚ୍ଚ ଗଣତାନ୍ତ୍ରିକ ମନ୍ଦିରରେ ସଂସଦକୁ ଭ୍ରମିତ କରିବାକୁ ଚେଷ୍ଟା କରିଛନ୍ତି । ଯଦି ସରକାର ସତ୍ୟକୁ ଗୋପନ ରଖିଛନ୍ତି, ତେବେ ଏହା ଆହୁରି ସଂଗୀନ ମାମଲା ବୋଲି ସେ କହିଛନ୍ତି । କଂଗ୍ରେସ ନେତାଙ୍କ ଅଭିଯୋଗ ଅନୁଯାୟୀ, 'ଅପରେସନ୍ ସିନ୍ଦୂର'ରେ ନିଜ ଜୀବନ ହରାଇଥିବା ୬ ଜଣ ବୀର ସୁରକ୍ଷାକର୍ମୀଙ୍କୁ ସେତେବେଳେ ଯେଉଁ ସମ୍ମାନ ଓ ମାନ୍ୟତା ମିଳିବା କଥା, ତାହା ପ୍ରଦାନ କରାଯାଇନାହିଁ । ଦୀର୍ଘ ସମୟ ପରେ ଏବେ ସେମାନଙ୍କ ନାମ ଜାତୀୟ ଯୁଦ୍ଧ ସ୍ମାରକୀରେ ଖୋଦିତ ହେବା ପ୍ରମାଣ କରୁଛି ଯେ ସରକାରୀ ସ୍ତରରେ ସ୍ୱଚ୍ଛତାର ଅଭାବ ଥିଲା, ଯାହା ସହିଦଙ୍କ ପରିବାରର ନୈତିକ ଅଧିକାରକୁ କ୍ଷୁଣ୍ଣ କରିଛି ଏବଂ ଏହା ସୈନିକମାନଙ୍କ ପ୍ରତି ଏକ ବଡ଼ ଅପମାନ । ପାକିସ୍ତାନ ବିରୋଧରେ ଚାଲିଥିବା ଏହି ୪ ଦିନିଆ ସାମରିକ ଅପରେସନରେ ବୀରତ୍ୱର ସହ ଲଢ଼ି ପ୍ରାଣବଳୀ ଦେଇଥିବା ସହିଦଙ୍କୁ ନେଇ ସୃଷ୍ଟି ହୋଇଥିବା ଏହି ବିବାଦ ଉପରେ ବର୍ତ୍ତମାନ ସୁଦ୍ଧା ପ୍ରତିରକ୍ଷା ମନ୍ତ୍ରଣାଳୟ ବା ଶାସକ ଦଳ ପକ୍ଷରୁ କୌଣସି ପାଲଟା ଜବାବ କିମ୍ବା ଆନୁଷ୍ଠାନିକ ସ୍ପଷ୍ଟୀକରଣ ମିଳିନାହିଁ ।

# ରାମମନ୍ଦିର ଦାନଅର୍ଥ ହେରଫେର ପରେ ପୁନର୍ଗଠିତ ହେବ ଟ୍ରଷ୍ଟ

**ନୂଆଦିଲ୍ଲୀ,୨୮।୬(ଏଜେନ୍ସି):** ରାମ ମନ୍ଦିରରେ ଦାନ ଅର୍ଥ ଚୋରି ହେବା ପରେ, ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ପ୍ରଶାସନିକ ଢାଞ୍ଚାରେ ବଡ଼ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା ତୀବ୍ର ହୋଇଛି । ଟ୍ରଷ୍ଟର ମହାସଚିବ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଡକ୍ଟର



ଅନିଲ ମିଶ୍ରଙ୍କ ଇସ୍ତଫା ଏହି ବିତର୍କକୁ ଆହୁରି ଖୋରାକ ଯୋଗାଇଛି । ପୂର୍ବରୁ ଖାଲି ଥିବା ଟ୍ରଷ୍ଟି ପଦବୀ ସହିତ ସେମାନଙ୍କର ଇସ୍ତଫା ତିନୋଟି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ରଖିବ । ଏପରି ପରିସ୍ଥିତିରେ, ବର୍ତ୍ତମାନର ଟ୍ରଷ୍ଟକୁ ଭଙ୍ଗ କରି ପୁନଃଗଠିତ କରାଯାଇପାରେ ।

# ମହରମ୍ ଶୋଭାଯାତ୍ରାରେ ବିଷାକ୍ତ କ୍ୟାପସୁଲ ବାଣ୍ଟୁଥିବା ବ୍ୟକ୍ତି ଗିରଫ

**ନୂଆଦିଲ୍ଲୀ,୨୮।୬(ଏଜେନ୍ସି):** ମୁମ୍ବାଇର ଭାୟଖଲା ଅଞ୍ଚଳରେ ମହରମ୍ ଶୋଭାଯାତ୍ରାରେ ଅଘଟଣ । ଜଣେ ବ୍ୟକ୍ତି ଶୋଭାଯାତ୍ରାରେ ସାମିଲ ଲୋକଙ୍କୁ କିଛି ଟାବଲେଟ୍ ବାଣ୍ଟିଥିଲେ । ଏହାକୁ ଖାଇବା ପରେ କିଛି ଲୋକ ଅସୁସ୍ଥ ହୋଇଯାଇଥିଲେ । ଏହା ପରେ ଅଭିଯୁକ୍ତକୁ କଷ୍ଟଡିରେ ନିଆଯାଇଛି । ପଚରା ଉଚରା ବେଳେ ଅଭିଯୁକ୍ତ କହିଛି, ସେ ପେନକିଲର ଟାବଲେଟ୍ ବାଣ୍ଟୁଥିଲା । କିନ୍ତୁ ଯେତେବେଳେ ଜଣେ ବ୍ୟକ୍ତି ଟାବଲେଟ୍ ଖାଇବା ପରେ ବାନ୍ତି ଏବଂ ଦେହ ଅସୁସ୍ଥ ଲାଗୁଥିବାର ଅଭିଯୋଗ କରିଥିଲେ । ପୋଲିସ ୧୪ ହଜାରରୁ ଅଧିକ କ୍ୟାପସୁଲ୍ ଜବତ କରିଥିଲା । ପୋଲିସ ପଚରାଉଚରା ସମୟରେ ଅଭିଯୁକ୍ତ ସ୍ୱୀକାର କରିଛି ସେ ମହରମ୍ ଶୋଭାଯାତ୍ରାକୁ ଲକ୍ଷ୍ୟ କରି ବିଷାକ୍ତ କ୍ୟାପସୁଲ୍ ବଣ୍ଟନ କରିଥିଲା । ସେ ଜିଙ୍କ ଫସଫାଇଡ୍ ଯୁକ୍ତ ୩୦ ହଜାର କ୍ୟାପସୁଲ୍ ଅର୍ଡର କରିଥିଲା, ଯାହା ମୂଷା ମାରିବା ପାଇଁ ବ୍ୟବହୃତ ହୁଏ।ଡିସିପି ଜୟନ୍ତ ମୀନା କହିଛନ୍ତି ଯେ ମହରମ୍ ଶୋଭାଯାତ୍ରାରେ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖାଯାଇଥିଲା । ପଚରାଉଚରା କରିବା ପରେ ଜଣାପଡିଲା ଯେ ସେ ବିନା ଅନୁମତିରେ କ୍ୟାପସୁଲ୍ ବିକ୍ରି ଏବଂ ବାଣ୍ଟୁଥିଲେ । ସକାଳ ୪ ଟାରେ ଏକ ରିପୋର୍ଟ ମିଳିଥିଲା ଯେ ଜଣେ ବ୍ୟକ୍ତି ବାନ୍ତି ଏବଂ ପେଟରେ ଯନ୍ତ୍ରଣା ଅଭିଯୋଗ କରିଥିଲେ । ଏହାପରେ ପୋଲିସ ଟିମ୍ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଉଠାଇ ନେଇଥିଲା । ସେ କହିଛନ୍ତି ଯେ ସେ ମହରମ୍ ଶୋଭାଯାତ୍ରାକୁ ଟାର୍ଗେଟ କରିବା ପାଇଁ ଏପରି କରିଥିଲେ।ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ଅଭିଯୁକ୍ତର ନାଁ ଫୟାଜ ପ୍ରେମ ଜୀୟ ସେ ପୁଣେର ବାସିନ୍ଦା ହୋଇଥିବା ବେଳେ ରଙ୍ଗ ବ୍ୟବସାୟ କରନ୍ତି । ସେ ୫୦ କିଲୋଗ୍ରାମ ଜିଙ୍କ ଫସଫାଇଡ୍ ଅର୍ଡର କରିଥିଲେ । ସେ କିଛି ଦିନ ପାଇଁ ତାଙ୍କ ଘରେ ପ୍ରତ୍ୟେକ କ୍ୟାପସୁଲରେ ଗୋଟିଏ ଗ୍ରାମ ଲେଖାଏଁ ବିଷ ପ୍ୟାକ୍ କରି ମହରମକୁ ଟାର୍ଗେଟ କରିବାକୁ ଯୋଜନା କରିଥିଲେ । ସେ ୨୦୨୫ରେ ଇରାନ ଏବଂ ଇରାକ ଯାତ୍ରା କରିଥିଲେ; ତାଙ୍କର ଉଦ୍ଦେଶ୍ୟ ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ । ସେ କହିଥିଲେ ୧୪,୯୦୦ କ୍ୟାପସୁଲ୍ ଜବତ କରାଯାଇଛି । ୩୦ ହଜାର ତିଆରି କରିବାର ଲକ୍ଷ୍ୟ ଥିଲା । କ୍ୟାପସୁଲ୍ ଡିଷ୍ଟ୍ରିବ୍ୟୁଟ୍ ହୋଇପାରିଲାନି । ଡିସିପିଙ୍କ କହିବା ଅନୁସାରେ, ପୋଲିସ ବଡ଼ ଧରଣର ଅଘଟଣକୁ ରୋକି ଦେଇଛି । ତଦନ୍ତ ଜାରି ରହିଛି ଓ ଏହା ଜାଣିବାକୁ ଚେଷ୍ଟା କରାଯାଉଛି ଯେ, ଏତେ ଅଧିକ ପରିମାଣ ବାଣ୍ଟିବା ନେଇ ଅଭିଯୁକ୍ତର କ'ଣ ଷଡଯନ୍ତ୍ର ଥିଲା । ଆମେ ସବୁ ଦିଗରୁ ତଦନ୍ତ କରୁଛୁ ।

# ଡିଆର କଙ୍ଗୋରେ ଭୟଙ୍କର ରୂପ ନେଉଛି 'ଇବୋଲା'

**ନୂଆଦିଲ୍ଲୀ,୨୮।୬(ଏଜେନ୍ସି):** କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ (ଡିଆରସି) ପୁଣି ଥରେ ଘାତକ ଇବୋଲା ଭାଇରସ କବଳରେ ପଡ଼ିଥିବା ବେଳେ ଦେଶରେ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇ ୧,୨୦୦ ଅତିକ୍ରମ କରିସାରିଛି। ସରକାରୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୧,୨୦୩ ଜଣ ଏହି ଜୀବାଣୁରେ ଆକ୍ରାନ୍ତ ହୋଇଥିବା ନିଶ୍ଚିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୨୧ ଜଣଙ୍କର ମୃତ୍ୟୁ ଘଟିଛି । ଜନସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ, ୪୧୯ ଜଣ ରୋଗୀ ବିଭିନ୍ନ ପ୍ରତିଷ୍ଠିତ ହସ୍ପିଟାଲର ଆଇସୋଲେସନରେ ଜୀବନ ପାଇଁ ଲଢ଼ୁଛନ୍ତି ଏବଂ ୧୪୮ ଜଣ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହା ବ୍ୟତୀତ ଆଉ ୨୬୫ ଜଣ ସନ୍ଦିଗ୍ଧ ମାମଲା ଚିହ୍ନଟ କରାଯାଇଛି, ଯେଉଁଥିରୁ ୭୭




ଜଣଙ୍କର ମୃତ୍ୟୁ ହୋଇସାରିଥିବାରୁ ପ୍ରକୃତ ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ହୋଇପାରେ ବୋଲି ଆଶଙ୍କା କରାଯାଉଛି । ବର୍ତ୍ତମାନ ଇଟୁରି ଅଞ୍ଚଳରେ ଥିବା ଚିକିତ୍ସା କେନ୍ଦ୍ରଗୁଡ଼ିକ ସମ୍ପୂର୍ଣ୍ଣ ଭରିଯାଇଥିବା ବେଳେ ଔଷଧ ଏବଂ ସଂକ୍ରମଣ ପ୍ରତିରୋଧ ସାମଗ୍ରୀର ଘୋର ଅଭାବ ଦେଖାଦେଇଛି। ଏହି ସ୍ଥିତିରେ ଜରୁରୀକାଳୀନ ଭାବେ ପ୍ରାୟ ୨୦ଟି ନୂତନ ଆଇସୋଲେସନ କେନ୍ଦ୍ରର ଆବଶ୍ୟକତା ରହିଛି। ଗତ ମେ' ୧୫ ତାରିଖରେ ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିବା ଏହି 'ବୁଣ୍ଡିବୁଗିଓ ଇବୋଲା ଭାଇରସ' ପ୍ରକୋପ ୫ ସପ୍ତାହ ପରେ ମଧ୍ୟ ଶୀର୍ଷରେ ପହଞ୍ଚି ନାହିଁ ବୋଲି ଆଫ୍ରିକା ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ୍ ର ନିର୍ଦ୍ଦେଶକ ଜିନ୍ କାସେୟା ସତର୍କ କରାଇଛନ୍ତି । ଆଫ୍ରିକା 'ସିଡିସି' ଏହି ସଙ୍କଟର ମୁକାବିଲା ପାଇଁ ୧.୪ ବିଲିୟନ ଆମେରିକୀୟ ଡଲାର ସହାୟତା ପାଇଁ ଆବେଦନ କରିଥିଲେ ହେଁ, ବର୍ତ୍ତମାନ ପ୍ରତିକ୍ରିୟା କାର୍ଯ୍ୟ ପାଇଁ କେବଳ ୨୦ ମିଲିୟନ୍ ଡଲାରର ଏକ ବଡ଼ ପାଣ୍ଠି ଅଭାବର ସମ୍ମୁଖୀନ ହେଉଛି ।

# ରାବଣ ତ ମାତା ଜାନକୀଙ୍କୁ ଚୋରି କରିଥିଲେ ଆପଣ ତ ଲୋକଙ୍କ ବିଶ୍ୱାସ ଚୋରି କରିଲେ

**ନୂଆଦିଲ୍ଲୀ,୨୮।୬(ଏଜେନ୍ସି):** ଉତ୍ତର ପ୍ରଦେଶ ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ଅଭିଯୋଗ ମାମଲାରେ ବାଗେଶ୍ୱର ଧାମର ପୀଠାଧୀଶ୍ୱର ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ପ୍ରଥମ ଥର ପାଇଁ ତାଙ୍କ ମନ୍ତବ୍ୟ ଦେଇଛନ୍ତି । ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ କହିଛନ୍ତି ଯେ, ରାବଣ ତ କେବଳ ମାତା ଜାନକୀ ଜୀଙ୍କୁ ଚୋରି କରିଥିଲା । କିନ୍ତୁ ତୁମେ ଲକ୍ଷ ଲକ୍ଷ ଲୋକଙ୍କ ଆସ୍ଥା ଚୋରି କରିଛ । କୋଟି କୋଟି ଲୋକଙ୍କ ବିଶ୍ୱାସ ଚୋରି କରିଛୟ ଇଣ୍ଡୋନେସିଆର ଜାକର୍ତ୍ତାରେ ଆୟୋଜିତ ଶ୍ରୀ ହନୁମାନ କଥାରେ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ଅଯୋଧ୍ୟା ରାମ ମନ୍ଦିରର ଦାନ ଚୋରି ଅଭିଯୋଗ ସମ୍ପର୍କରେ ଉଲ୍ଲେଖ କରି ଭାବପ୍ରବଣ ହୋଇ ପଡ଼ିଥିଲେ । ସେ କହିଥିଲେ ଯେ, ଚୋରି କରିଥିବା ଲୋକେ ମଧ୍ୟ ରାବଣ, କେବଳ ତାଙ୍କର ରୂପ ପରିବର୍ତ୍ତନ ହୋଇଛି । ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ କହିଛନ୍ତି, ରାମ ମନ୍ଦିରର ଦାନ ବାକ୍ସରୁ ଲକ୍ଷ ଲକ୍ଷ ଲୋକଙ୍କ ଆସ୍ଥା ଚୋରି ହୋଇଛି, କୋଟି କୋଟି ଲୋକଙ୍କ ବିଶ୍ୱାସ ଚୋରି କରାଯାଇଛି । ସେ କହିଛନ୍ତି, ଆମେ ଖବର ପାଇଲୁ ଯେ, ଏକ ଏଫଆଇଆର ରୁଜୁ ହୋଇଛି ଏବଂ ଅଧିକ ତଦନ୍ତ ଚାଲିଛି । ଆହୁରି ଲୋକେ ଧରାପଡ଼ିବେ । ଏହା ନିଶ୍ଚିତ ଯେ, ଆହୁରି ଧରାପଡ଼ିବେ । ରାବଣ ମାତା ଜାନକୀଙ୍କ ଠାରୁ ଚୋରି କରିଥିଲା, ଏବଂ ପରିଣାମ ସ୍ୱରୂପ ତାଙ୍କର ସମଗ୍ର ପରିବାରର ବିନାଶ ହୋଇଥିଲା । ଯେଉଁମାନେ ରାମ ମନ୍ଦିର ପାଇଁ



ଲକ୍ଷ ଲକ୍ଷ ଲୋକଙ୍କ ଦ୍ୱାରା ଦିଆଯାଇଥିବା ଦାନ ଚୋରି କରିଛନ୍ତି ସେମାନଙ୍କୁ ସରକାରୀ ଦଣ୍ଡ ତ ମିଳିବ, କିନ୍ତୁ ଏହା ନିଶ୍ଚିତ ଯେ, ସେମାନେ ଭଗବାନଙ୍କଠାରୁ ମଧ୍ୟ କଠୋର ଦଣ୍ଡ ପାଇବେ । ସୂଚନାଯୋଗ୍ୟ,ଅଯୋଧ୍ୟା ମନ୍ଦିର ଦାନ ଚୋରି ମାମଲାରେ ପୁଲିସ ୮ ଜଣଙ୍କୁ ଅଟକ ରଖିଛି । ତଦନ୍ତକାରୀ ସଂସ୍ଥାଗୁଡ଼ିକ ବିଶ୍ୱାସ କରୁଛନ୍ତି ଯେ ଏଥିରେ ଆହୁରି ଅଧିକ ବ୍ୟକ୍ତି ସମ୍ପୃକ୍ତ ଥାଇପାରନ୍ତି । ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି)ର ସୁପାରିଶ ପରେ, ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲା ସମ୍ପର୍କରେ ରାମ ଜନ୍ମଭୂମି ପୁଲିସ ଷ୍ଟେସନରେ ଏକ ଏଫଆଇଆର ରୁଜୁ କରାଯାଇଛି । ଏହି ଏଫଆଇଆର ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ଦ୍ୱାରା ଦାୟର କରାଯାଇଛି। ଏହି ମାମଲାଟି ସ୍ୱତନ୍ତ୍ର ତଦନ୍ତ ଦଳ ଦ୍ୱାରା ତଦନ୍ତ କରାଯାଉଥିଲା, କିନ୍ତୁ ଏଫଆଇଆର ଦାୟର ହେବା ପରେ, ପୁଲିସ ତଦନ୍ତକୁ ଜୋରଦାର କରିଥିଲା। ଅଟକ ଥିବା ବ୍ୟକ୍ତିଙ୍କ ମଧ୍ୟରେ ଅଛନ୍ତି ରମାଶଙ୍କର ଯାଦବ ଟିନ୍ନୁ, ଅନୁକଲ୍ପ ମିଶ୍ର, ଅଭିନାଶ ଶୁକ୍ଲା, କରୁଣେଶ ପାଣ୍ଡେ, ଲାଭକୁଶ ମିଶ୍ର, ରମାଶଙ୍କର ମିଶ୍ର, ସୁଭାଷ ଶ୍ରୀବାସ୍ତବ ଏବଂ ମନୀଷ ଯାଦବ । ଯେଉଁ ଅଭିଯୁକ୍ତମାନଙ୍କଠାରୁ ଦାନ ଟଙ୍କା ଜବତ କରାଯାଇଥିଲା ସେମାନଙ୍କ ନାମ ଏଫଆଇଆରରେ ତାଲିକାଭୁକ୍ତ କରାଯାଇଛି। ପୁଲିସ ମୋଟ ଆଠ ଜଣଙ୍କୁ ଅଟକ ରଖିଛି । ତଦନ୍ତକାରୀ ସଂସ୍ଥାଗୁଡ଼ିକ ଅନୁସାରେ ମାମଲାରେ ଆହୁରି ଅଧିକ ଲୋକ ସମ୍ପୃକ୍ତ ଥାଇପାରନ୍ତି । ଆଗାମୀ ଦିନରେ ଗିରଫଦାରୀ ସଂଖ୍ୟା ବୃଦ୍ଧି ପାଇପାରେ ।

# ଭାରତ ବିରୋଧରେ ପୁଣି ଆତଙ୍କବାଦ ପ୍ରୋତ୍ସାହନର ମିଥ୍ୟା ଅଭିଯୋଗ

**ନୂଆଦିଲ୍ଲୀ,୨୮।୬(ଏଜେନ୍ସି):** ପାକିସ୍ତାନ ପୁଣିଥରେ ଭାରତ ବିରୋଧରେ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ନେଇ ତା'ର ପୁରୁଣା ଓ ମିଥ୍ୟା ଅଭିଯୋଗକୁ ଦୋହରାଇଛ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଶନିବାର କରାଚୀରେ ଏକ କାର୍ଯ୍ୟକ୍ରମରେ ସମ୍ବୋଧନ କରିବା ସମୟରେ କହିଛନ୍ତି ଯେ ଭାରତ ସମଗ୍ର ଅଞ୍ଚଳରେ ଏଭଳି ସଶସ୍ତ୍ର ଗୋଷ୍ଠୀଗୁଡ଼ିକୁ ପ୍ରୋତ୍ସାହିତ କରୁଛି ଯେଉଁମାନେ ପାକିସ୍ତାନ ମାଟିରେ ଆତଙ୍କବାଦୀ ଆକ୍ରମଣ କରୁଛନ୍ତି । ପାକିସ୍ତାନକୁ ଅସ୍ଥିର କରିବା ତଥା ଦେଶର ଶାନ୍ତି ଓ ସ୍ଥିରତାକୁ ଦୁର୍ବଳ କରିବା ପାଇଁ ଭାରତ ପ୍ରକ୍ସି ମାଧ୍ୟମରେ ହିଂସା କରାଉଛି ବୋଲି ସରିଫ ଦାବି କରିଛନ୍ତି । ପାକିସ୍ତାନ ଗତ କିଛି ବର୍ଷ ହେବ ଲଗାତାର ଭାବେ ଅଭିଯୋଗ ଆଣୁଛି ଯେ ଆଫଗାନିସ୍ତାନ ଏବଂ ପାକିସ୍ତାନରେ ସକ୍ରିୟ ଥିବା ଅନେକ ସଶସ୍ତ୍ର ସଂଗଠନକୁ ଭାରତ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି । ପାକିସ୍ତାନୀ ଗଣମାଧ୍ୟମର ସୂଚନା ଅନୁଯାୟୀ, ଶେହବାଜ ସରିଫ ନିଜ ଭାଷଣରେ ଦେଶର ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା ଚ୍ୟାଲେଞ୍ଜ ଉପରେ ଚିନ୍ତା ପ୍ରକାଶ କରିବା ସହ ଏଥିପାଇଁ ସିଧାସଳଖ ଭାରତକୁ ଦାୟୀ କରିଛନ୍ତି । ସରିଫଙ୍କ ପୂର୍ବରୁ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ମଧ୍ୟ ଭାରତ ଉପରେ ଆଫଗାନିସ୍ତାନକୁ ସାମରିକ ସହାୟତା ଯୋଗାଉଥିବା ନେଇ ସମାନ ଅଭିଯୋଗ ଲଗାଇଥିଲେ । ଆସିଫ ଦାବି କରିଥିଲେ ଯେ ଆଫଗାନ ତାଲିବାନ ବାହିନୀ ଦ୍ୱାରା ପାକିସ୍ତାନର ଦୁଇଟି ପ୍ରଦେଶରେ 'ଆଇଏସଆଇଏସ' ଠିକଣାକୁ ଟାର୍ଗେଟ କରିବା ପାଇଁ ବ୍ୟବହୃତ ଡ୍ରୋନଗୁଡ଼ିକୁ ଭାରତ ପକ୍ଷରୁ ଆଫଗାନିସ୍ତାନ ପଠାଯାଇଥିଲା ।

# ପାକିସ୍ତାନରେ ଭୂକମ୍ପ ଝଟକା ଭାରତ ଆସିପାରନ୍ତି ଟ୍ରମ୍ପ

**ନୂଆଦିଲ୍ଲୀ,୨୮।୬(ଏଜେନ୍ସି):** ଦକ୍ଷିଣ ଆମେରିକୀୟ ଦେଶ ଭେନେଜୁଏଲାରେ ଆସିଥିବା ବିନାଶକାରୀ ଭୂକମ୍ପକୁ ଦୁଇ ଦିନ ନ ପୁରୁଣୁ, ଏବେ ପଡ଼ୋଶୀ ଦେଶ ପାକିସ୍ତାନରେ ମଧ୍ୟ ଭୂକମ୍ପର ତୀବ୍ର ଝଟକା ଅନୁଭୂତ ହୋଇଛି । ଶନିବାର ସକାଳେ ପାକିସ୍ତାନର ପଞ୍ଜାବ ପ୍ରାନ୍ତ ଅନ୍ତର୍ଗତ ଡେରା ଗାଜିଖାନ ଅଞ୍ଚଳରେ ୫.୪ ତୀବ୍ରତାର ଏକ ଶକ୍ତିଶାଳୀ ଭୂକମ୍ପ ହୋଇଥିବା ସୂଚନା ମିଳିଛି । ତେବେ ଆଶ୍ୱସନାର ବିଷୟ ଏହା ଯେ, ବର୍ତ୍ତମାନ ସୁଦ୍ଧା କୌଣସି ଧନଜୀବନ ହାନିର ଖବର ହସ୍ତଗତ ହୋଇନାହିଁ । ସ୍ଥାନୀୟ ପ୍ରଶାସନ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି । ମିଳିଥିବା ସୂଚନା ଅନୁଯାୟୀ, ପାକିସ୍ତାନ ସମୟ ସକାଳ ପ୍ରାୟ ୮:୫୩ ମିନିଟରେ ଏହି ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲ୍ରେ ଏହାର ତୀବ୍ରତା ୫.୪ ରେକର୍ଡ କରାଯାଇଛି । ଭୂକମ୍ପର କେନ୍ଦ୍ରବିନ୍ଦୁ ଡେରା ଗାଜିଖାନ ନିକଟରେ ଭୂପୃଷ୍ଠରୁ ପ୍ରାୟ ୭୫ କିଲୋମିଟର ଗଭୀରତାରେ ରହିଥିଲା । ଭୂକମ୍ପ ଯୋଗୁଁ ଆତଙ୍କିତ ହୋଇ ଲୋକମାନେ ନିଜ ନିଜ ଘର ଏବଂ ବହୁତଳ ପ୍ରସାଦରୁ ବାହାରକୁ ଚାଲିଆସିଥିଲେ । ପାକିସ୍ତାନରେ ଭୂମି କମ୍ପିବା ଏହା ପ୍ରଥମ ଘଟଣା ନୁହେଁ । ଏହା ପୂର୍ବରୁ ଗତ ଶୁକ୍ରବାର ଦିନ ବେଲୁଚିସ୍ତାନର ଅନେକ ଅଞ୍ଚଳରେ ମଧ୍ୟ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା । ଭୌଗୋଳିକ ଦୃଷ୍ଟିକୋଣରୁ ପାକିସ୍ତାନ ଏକ ସେସମିକ୍ ଜୋନ୍ ବା ଭୂକମ୍ପ ପ୍ରବଣ ଅଞ୍ଚଳରେ ଅବସ୍ଥିତ ହୋଇଥିବାରୁ ଏଠାରେ ସମୟ ସମୟରେ ଭୂକମ୍ପ ହୋଇଥାଏ । ଏଭଳି ସ୍ଥିତିରେ ସ୍ଥାନୀୟ ଲୋକଙ୍କୁ ସଦାସର୍ବଦା ସତର୍କ ଓ ସଜାଗ ରହିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । ଦକ୍ଷିଣ ଆମେରିକାର ପ୍ରମୁଖ ଦେଶ ଭେନେଜୁଏଲା ଏବେ ମହାବିପତ୍ତିର ସାମ୍ନା କରୁଛି । ଠିକ୍ ଏହି ସମୟରେ ପାକିସ୍ତାନରେ ଏହି ଭୂକମ୍ପ ଅନୁଭୂତ ହୋଇଛି । ଗତ ବୁଧବାର ଭେନେଜୁଏଲାରେ ୭.୨ ଏବଂ ୭.୫ ତୀବ୍ରତାର ଦୁଇ ଦୁଇଟି ପ୍ରଳୟଙ୍କରୀ ଯୋଡ଼ା ଭୂକମ୍ପ ଆସିଥିଲା, ଯାହା ଗତ ୧୨୫ ବର୍ଷମଧ୍ୟରେ ସେଠାକାର ସବୁଠାରୁ ଭୟଙ୍କର ଭୂକମ୍ପ ବୋଲି କୁହାଯାଉଛି । ଭେନେଜୁଏଲାର ରାଜଧାନୀ କାରାକାସ୍ ସମେତ ଅନେକ ସହରରେ ଶତାଧିକ କୋଠାବାଡ଼ି ଓ ଆପାର୍ଟମେଣ୍ଟ ତାସ୍ ଘର ଭଳି ଭୁଶୁଡ଼ିପଡ଼ିଛି । ସରକାରୀ ସୂତ୍ର ଅନୁଯାୟୀ ଏପର୍ଯ୍ୟନ୍ତ, ଅନେକ ଲୋକଙ୍କର ମୃତ୍ୟୁ ହୋଇସାରିଥିବା ବେଳେ ହଜାର ହଜାର ଲୋକ ଆହତ ହୋଇଛନ୍ତି । ଭେନେଜୁଏଲାର ପ୍ରଭାବିତ ସହରଗୁଡ଼ିକରେ ଏବେ ମଧ୍ୟ ଭଙ୍ଗା ସ୍ତୂପ ଏବଂ ମଲବାରୁ ଜୀବନ୍ତ ଲୋକଙ୍କୁ ଉଦ୍ଧାର କରିବା ପାଇଁ ସେନା ଓ ଅଗ୍ନିଶମ ବାହିନୀ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି । ଅନ୍ତର୍ଜାତୀୟ ସାହାଯ୍ୟ ପ୍ରଦାନକାରୀ ସଂସ୍ଥାଗୁଡ଼ିକ ମଧ୍ୟ ରିଲିଫ୍ କାର୍ଯ୍ୟରେ ସାମିଲ ହୋଇଛନ୍ତି । ଭୂକମ୍ପ ଯୋଗୁଁ ଅନେକ ଦୁର୍ଗମ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବାରୁ ସମ୍ପୂର୍ଣ୍ଣ କ୍ଷୟକ୍ଷତିର ଆକଳନ କରିବା ପାଇଁ ସମୟ ଲାଗିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି ।

**ନୂଆଦିଲ୍ଲୀ,୨୮।୬(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତାବର୍ଷ ପ୍ରାରମ୍ଭରେ ଭାରତ ଗସ୍ତରେ ଆସିପାରନ୍ତି ବୋଲି ଆମେରିକା ବିଦେଶ ସଚିବ ମାର୍କୋ ରୁବିଓ ଶନିବାର କହିଛନ୍ତି । ରୁବିଓ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଦୃଢ଼ ବ୍ୟକ୍ତିଗତ ସମ୍ପର୍କକୁ ଗୁରୁତ୍ୱ ଦେଇ ଓ ଭାରତ-ଆମେରିକା ସମ୍ପର୍କକୁ ଚମତ୍କାର ବୋଲି ବର୍ଣ୍ଣନା କରିଛନ୍ତି । ୱାସିଂଟନରେ ନ୍ୟୁଜ ଏଜେନ୍ସି ଆଇଏଏନ୍ଏସ୍ ସହିତ କଥାବାର୍ତ୍ତା ବେଳେ ରୁବିଓ କହିଛନ୍ତି ଯେ, ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ କରିବା ପାଇଁ ସେ ବର୍ଷ ଶେଷ ପୂର୍ବରୁ ଭାରତ ଯାତ୍ରା କରିପାରନ୍ତି । ଯଦି ଟ୍ରମ୍ପ ଆସନ୍ତା ବର୍ଷ ଭାରତ ଗସ୍ତରେ ଆସନ୍ତି ତେବେ ଏହା ଆମେରିକା ରାଷ୍ଟ୍ରପତିଙ୍କର ଫେବ୍ରୁଆରି ୨୦୨୦ ପରେ ପ୍ରଥମ ଭାରତ ଗସ୍ତ ହେବ । ଦ୍ୱିତୀୟ ଥର ପାଇଁ ଟ୍ରମ୍ପ ରାଷ୍ଟ୍ରପତି ନିର୍ବାଚିତ ହୋଇ ହ୍ୱାଇଟ୍ ହାଉସକୁ ଫେରିବା ପରେ ଏହି ପ୍ରସ୍ତାବିତ ଗସ୍ତ ତାଙ୍କର ପ୍ରଥମ ଗସ୍ତ ହେବ । ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ମୋଦୀ ଶେଷ ଥର ପାଇଁ ଫ୍ରାନ୍ସର ଏଭିଆନରେ ଜି୭ ଶିଖର ସମ୍ମିଳନୀ ଅବସରରେ ସାକ୍ଷାତ କରିଥିଲେ, ଯାହାକି ୧୬ ମାସ ମଧ୍ୟରେ ସେମାନଙ୍କର ପ୍ରଥମ ଦ୍ୱିପାକ୍ଷିକ ବୈଠକ ଥିଲା । ସୂଚନାଯୋଗ୍ୟ, ନୂଆଦିଲ୍ଲୀ ଓ ୱାସିଂଟନ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଜାରି ରହିଥିବାବେଳେ ଟ୍ରମ୍ପଙ୍କ ପ୍ରସ୍ତାବିତ ଗସ୍ତ ରହିଛି । ରୁବିଓ ଆହୁରି କହିଛନ୍ତି ଯେ, ଉଭୟ ଦେଶ କ୍ୱାଡ୍ ଗ୍ରୁପିଂର ଆଉ ଏକ ବୈଠକ ପାଇଁ ଅପେକ୍ଷା କରିଛନ୍ତି ଓ ରାଷ୍ଟ୍ରପତିଙ୍କ ଗସ୍ତ ସ୍ଥିର କରିବାରେ ସାହାଯ୍ୟ କରିବା ପାଇଁ ସେ ବର୍ଷ ଶେଷ ପୂର୍ବରୁ ଭାରତ ଫେରିବାକୁ ଆଶା ରଖିଛନ୍ତି ।

# ପ୍ରଶ୍ନପତ୍ର ଲିକ୍ ପରେ ମହାରାଷ୍ଟ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା ସ୍ଥଗିତ

**ନୂଆଦିଲ୍ଲୀ,୨୮।୬(ଏଜେନ୍ସି):** ପୁଣି ଥରେ ଦେଶରେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଆସିଛି । ଏଥର ମହାରାଷ୍ଟ୍ରରେ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି) ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜଣାପଡ଼ିବା ପରେ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଟିଇଟି ପରୀକ୍ଷା ରବିବାର (ଜୁନ୍ ୨୮ ତାରିଖରେ) ଅନୁଷ୍ଠିତ ହେବାକୁ ଥିଲା । ତେବେ ପରୀକ୍ଷାର ୨୪ ଘଣ୍ଟା ପୂର୍ବରୁ ଥାଣେରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜଣାପଡ଼ିଛି । ରିପୋର୍ଟ ଅନୁଯାୟୀ, ପୁଲିସକୁ ପ୍ରଶ୍ନପତ୍ର ଲିକ୍ ସମ୍ପର୍କରେ ସୂଚନା ମିଳିବା ପରେ ଥାଣେର ଭିୱାଣ୍ଡିରେ ଏକ ଅପରେସନ ପରେ ପ୍ରଶ୍ନପତ୍ର ଜବତ କରାଯାଇଛି । ଏହି ମାମଲାରେ କିଛି ଲୋକଙ୍କୁ ଗିରଫ କରାଯାଇଛି । କିନ୍ତୁ ସେମାନଙ୍କ ପରିଚୟ ପ୍ରକାଶ କରାଯାଇନାହିଁ । ଶନିବାର ଜାରି ହୋଇଥିବା ଏକ ଆଧିକାରିକ ବିବୃତିରେ ମହାରାଷ୍ଟ୍ର ରାଜ୍ୟ ପରୀକ୍ଷା ପରିଷଦ କହିଛି ଯେ, ରାଜ୍ୟର ୧୦୨୮ଟି କେନ୍ଦ୍ରରେ ଜୁନ୍ ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଟିଇଟି ୨୦୨୬ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ସମ୍ପର୍କରେ ଜଣାପଡ଼ିବା ପରେ ଏହାକୁ ସ୍ଥଗିତ ରଖାଯାଇଛି । ପରିଷଦ ଅନୁଯାୟୀ ଶନିବାର



ପ୍ରତ୍ୟୁଷରେ ଗୋପନୀୟ ସୂଚନା ଉପରେ କାର୍ଯ୍ୟ କରି ଭିୱାଣ୍ଡି ପୁଲିସ ଏକ ସ୍ଥାନରେ ଚଢାଉ କରିଥିଲା ଯେଉଁଠାରେ କିଛି ବ୍ୟକ୍ତିଙ୍କଠାରୁ ସିଲ୍ ହୋଇଥିବା ପ୍ରଶ୍ନପତ୍ରର ପୃଷ୍ଠାଗୁଡ଼ିକ ମିଳିଥିଲା । ପରୀକ୍ଷା ପରିଷଦ ପରେ ସ୍ପଷ୍ଟ କରିଥିଲା ଯେ, ଜବତ ହୋଇଥିବା କାଗଜ ପ୍ରଶ୍ନପତ୍ରରେ ରହିଥିବା ପ୍ରଶ୍ନ ସହିତ ସମାନତା ରହିଛି । ଫଳରେ ପରୀକ୍ଷାର ସ୍ୱଚ୍ଛତାକୁ ନେଇ ଚିନ୍ତା ପ୍ରକାଶ ପାଇଥିଲା । ତଦନ୍ତ ସମାପ୍ତ ହେବା ଓ ପରିସ୍ଥିତିର ପୂର୍ଣ୍ଣ ମୂଲ୍ୟାୟନ ହେବା ପରେ ନୂତନ ପରୀକ୍ଷା ତାରିଖ ଘୋଷଣା କରାଯିବ । ରାଜ୍ୟ ଶିକ୍ଷା ବିଭାଗ ଖୁବ୍‌ଶୀଘ୍ର ଏହି ଘଟଣାର ସବିଶେଷ ତଥ୍ୟ ପ୍ରଦାନ କରି ପ୍ରେସ୍ ନୋଟ ଜାରି କରିବ । ସରକାରଙ୍କ ନିଷ୍ପତ୍ତି ହେବା ପରେ ପରୀକ୍ଷା ସମ୍ପର୍କିତ ସଂଶୋଧିତ କାର୍ଯ୍ୟକ୍ରମ ଘୋଷଣା କରାଯିବା ବୋଲି ଆଶା କରାଯାଉଛି । ପ୍ରଶ୍ନପତ୍ର କେମିତି ଲିକ୍ ହେଲା ଓ ଏହି ରାକେଟରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ପୁଲିସ ସେସବୁର ତଦନ୍ତ କରୁଛି । ସମଗ୍ର ରାଜ୍ୟରେ ପାଖାପାଖି ୪ ଲକ୍ଷ ୨୮ ହଜାର ପ୍ରାର୍ଥୀ ପରୀକ୍ଷା ଦେବାପାଇଁ ପଞ୍ଜୀକରଣ କରିଥିଲେ । ଏମାନଙ୍କ ମଧ୍ୟରେ ୨ ଲକ୍ଷ ୨୬ ହଜାର ୨୬୩ ଏପରି ପରୀକ୍ଷାର୍ଥୀ ଥିଲେ, ଯେଉଁମାନେ ପୂର୍ବରୁ ଶିକ୍ଷକ ଚାକିରି କରୁଛନ୍ତି । ସେମାନେ ଶିକ୍ଷକ ଯୋଗ୍ୟତା ସାର୍ଟିଫିକେଟ ପାଇବା ପାଇଁ ପରୀକ୍ଷା ଦେଉଥିଲେ । ତେବେ ପ୍ରଶ୍ନପତ୍ର ଲିକ୍ ହେବା ପରେ ଅନେକ ପ୍ରାର୍ଥୀଙ୍କ ଜୀବନ ଅନ୍ଧକାରକୁ ଠେଲି ହୋଇଯାଇଛ । ଏହାପୂର୍ବରୁ ୨୦୨୫ରେ ମଧ୍ୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା ମଧ୍ୟ ଲିକ୍ ହୋଇଥିଲା ।

# ଭାରତ-ବାଂଲାଦେଶ ସୀମାରେ ଉତ୍ତେଜନା


**ନୂଆଦିଲ୍ଲୀ,୨୮।୬(ଏଜେନ୍ସି):** ଆସାମର ଶ୍ରୀଭୂମି ଜିଲ୍ଲାର ଭାରତ-ବାଂଲାଦେଶ ସୀମାରେ ଅନୁପ୍ରବେଶ ନେଇ ଉତ୍ତେଜନା ଦେଖାଦେଇଛି । ଯାହା ଫଳରେ ସୀମା ସୁରକ୍ଷା ବଳ(ବିଏସଏଫ) ଏବଂ ସୀମା ସୁରକ୍ଷା ବାଂଲାଦେଶ (ବିଜିବି) ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ବିଜିବି ଭାରତୀୟ ପାର୍ଶ୍ୱକୁ ବନ୍ଧୁକ ଦେଖାଇଥିବା ସୂଚନା ମିଳିଛି । ବହୁ ସଂଖ୍ୟକ ବାଂଲାଦେଶୀ ଅସ୍ତ୍ରଶସ୍ତ୍ର ଧରି ସୀମାରେ ବିଏସଏଫକୁ ବାରମ୍ବାର ଧମକ ଦେଇଥିବା କୁହାଯାଉଛି । ଏହି ଘଟଣା ବିଲାବାରୀ ସୀମାନ୍ତ ଅଞ୍ଚଳରେ ଘଟିଛି । ଫଳରେ ଉତ୍ତେଜନା ସୃଷ୍ଟି ହୋଇଛି । ରିପୋର୍ଟ ଅନୁଯାୟୀ, ନ୍ୟୁ ପଲ୍ଲାଥଲ ଅଞ୍ଚଳରେ ସୀମାରେ ବାଂଲାଦେଶୀ ଅନୁପ୍ରବେଶ ରୋକାଯିବା ପରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା । ସୀମା ନିକଟବର୍ତ୍ତୀ ଗ୍ରାମଗୁଡ଼ିକର ଗ୍ରାମବାସୀମାନେ ଛୁରୀ, ଲାଠି ଏବଂ ବାଉଁଶ ବାଡ଼ି ଧରି ବିଜିବିର ସମର୍ଥନରେ ଏକତ୍ରିତ ହୋଇଥି ଅସ୍ତ୍ରଶସ୍ତ୍ର ଦେଖାଇ ବିଏସଏଫକୁ ଧମକ ଦେଇଥିବା କୁହାଯାଉଛି । ରିପୋର୍ଟ ଅନୁଯାୟୀ, ବିଜିବିର ପଲ୍ଲାଥଲ ସୀମା ଆଉଟପୋଷ୍ଟର ସୈନିକମାନେ ଲାଉଡସ୍ପିକର ମାଧ୍ୟମରେ ବିଏସଏଫକୁ ବାରମ୍ବାର ଚେତାବନୀ ଦେଇଥିଲେ । ସେମାନଙ୍କୁ ସୀମାରୁ ଦୂରେଇ ଯିବାକୁ ଅନୁରୋଧ କରିଥିଲେ । ବିଜିବି ଏହା ମଧ୍ୟ ଚେତାବନୀ ଦେଇଥିଲା ଯେ ଯଦି ପରିସ୍ଥିତି ଆହୁରି ବିଗିଡ଼ିଯାଏ ଏବଂ ଲୋକଙ୍କୁ ହଟା ନଯାଏ ନାହିଁ, ତେବେ ସେମାନଙ୍କୁ ଗୁଳି ଚଳାଇବାକୁ ପଡ଼ିପାରେ । ଏହି ଘଟଣା ଶ୍ରୀଭୂମି ଜିଲ୍ଲାରେ ଅନ୍ତର୍ଜାତୀୟ ସୀମାରେ ଉତ୍ତେଜନାକୁ ବୃଦ୍ଧି କରିଛି । ସୂଚନା ଅନୁଯାୟୀ, ଏହି ଘଟଣା ଆସାମର ଶ୍ରୀଭୂମି ଜିଲ୍ଲାର ବିଲାବାରୀ ସୀମାରେ ଘଟିଛି, ଯେଉଁଠାରେ ଭାରତୀୟ ସୁରକ୍ଷା କର୍ମୀମାନେ ବାଂଲାଦେଶୀ ନାଗରିକଙ୍କ ଏକ ଗୋଷ୍ଠୀକୁ ନ୍ୟୁ ପାଲାଥୋଲ ଅଞ୍ଚଳ ଆଡ଼କୁ ବାଂଲାଦେଶ ଭିତରକୁ ଠେଲି ଦେବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଛି । ବିଜିବି ଏହି ପଦକ୍ଷେପର ପ୍ରତିବାଦ କରିଥିଲା ଏବଂ ଏହି ଗୋଷ୍ଠୀକୁ ନିଜ ଅଞ୍ଚଳରେ ପ୍ରବେଶ କରିବାକୁ ଅନୁମତି ଦେବାକୁ ମନା କରିଥିଲା । ବାଂଲାଦେଶୀମାନେ ଲାଠି ଏବଂ ଅସ୍ତ୍ରଶସ୍ତ୍ର ଧରି ଜିରୋ ଲାଇନକୁ ଆସିଥିଲେ । କିଛି ଘଣ୍ଟା ଧରି ଚାଲିଥିବା ଏହି ଅଚଳାବସ୍ଥା ମଧ୍ୟରେ ଉଭୟ ପକ୍ଷର ସୁରକ୍ଷା କର୍ମୀ ସୀମାରେ ମୁତୟନ ରହିଥିଲେ । ଗୁଳି ବିନିମୟ କିମ୍ବା ମୃତାହତର କୌଣସି ରିପୋର୍ଟ ମିଳିନାହିଁ । ବିଲାବାରୀ ସୀମାରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି । ଏହି ଘଟଣା ସମ୍ପର୍କରେ ବିଏସଏଫ କିମ୍ବା ବିଜିବି ପକ୍ଷରୁ କୌଣସି ସରକାରୀ ବିବୃତି ଦିଆଯାଇ ନାହିଁ । ସୁରକ୍ଷା ସୂତ୍ରଗୁଡ଼ିକ କହିଛନ୍ତି ଯେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ନ ଯିବା ପାଇଁ ବିଏସଏଫ ସୈନିକମାନେ ସଂଯମତା ଅବଲମ୍ବନ କରିଥିଲେ ଏବଂ ସମନ୍ୱୟ ବଜାୟ ରଖିଥିଲେ । ପରେ, ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଉଭୟ ପାର୍ଶ୍ୱରୁ ଅତିରିକ୍ତ ସୁରକ୍ଷାକର୍ମୀଙ୍କୁ ଘଟଣାସ୍ଥଳକୁ ପଠାଯାଇଥିଲା । ସ୍ଥାନୀୟ ପ୍ରଶାସନ ଏବଂ ଆସାମ ପୁଲିସ ୟୁନିଟଗୁଡ଼ିକୁ ମଧ୍ୟ ସତର୍କ କରାଯାଇଥିଲା । ତେବେ ଘଟଣା କିମ୍ବା ପ୍ରତ୍ୟାବର୍ତ୍ତନ କାର୍ଯ୍ୟରେ ସାମିଲ ଲୋକଙ୍କ ସଂଖ୍ୟା ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସରକାରୀ ବିବୃତ୍ତି ଜାରି କରାଯାଇ ନାହିଁ ।



# ୨୦୨୬-୨୦୩୦ ମଧ୍ୟରେ ଭାରତରେ ଆମାଜନ ୪୮ ବିଲିୟନ ଡଲାର ନିବେଶ କରିବ

**ନୂଆଦିଲ୍ଲୀ, ୨୮।୬ (ନି.ପ୍ର):** ନୂଆଦିଲ୍ଲୀରେ ଆମାଜନ ସିଇଓ ଆଣ୍ଡି ଜେସି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ଆଣ୍ଡି ଜେସି ଭାରତ ପ୍ରତି ଆମାଜନର ଦୀର୍ଘକାଳିନ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି ଏବଂ ୨୦୩୦ ସୁଦ୍ଧା ଦେଶରେ ଏଆଇ ଓ କ୍ଲାଉଡ ଭିତିଭୂମିର ସମ୍ପ୍ରସାରଣ ପାଇଁ ଅତିରିକ୍ତ ୧୩ ମିଲିୟନ ଡଲାର ନିବେଶ ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି। ଏହା ଏଆଇ ଓ କ୍ଲାଉଡ ଭିତିଭୂମିର ବିସ୍ତାର ଓ ସହଯୋଗ କ୍ଷେତ୍ରରେ ୨୦୨୬ରୁ ୨୦୩୦ ମଧ୍ୟରେ ଆମାଜନର ମୋଟ ଯୋଜନାଗତ ନିବେଶ ପରିମାଣକୁ ୨୧ ବିଲିୟନ ଡଲାରରୁ ଅଧିକରେ ପହଂଚାଇଛି, ଯାହା ଏହାକୁ ଦେଶରେ ଅନ୍ୟତମ ସର୍ବବୃହତ ଆନ୍ତର୍ଜାତୀୟ ଏଆଇ ଓ କ୍ଲାଉଡ ଭିତିଭୂମି ନିବେଶକ ଭାବେ ସ୍ଥାପିତ କରିଛି। ଏହି ନିବେଶ ମୁମ୍ବାଇ ଓ ହାଇଦ୍ରାବାଦରେ ଏଡବ୍ଲ୍ୟୁଏସ ଡାଟା ସେଂଟର କ୍ଷମତାକୁ ବିସ୍ତାର କରିବ, ଦ୍ରୁତ ବେଗରେ ଉଦ୍ଭାବନ ଓ ବିସ୍ତାର କରିବା ଏବଂ ବିଶ୍ୱବ୍ୟାପୀ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ପାଇଁ ଷ୍ଟାର୍ଟଅପ, ଉଦ୍ୟୋଗ ଓ ସରକାରୀ ସଂସ୍ଥାଗୁଡିକୁ କଷ୍ଟମ ଏଆଇ ଚିପ୍, ପରିଚାଳିତ ଏଆଇ ସର୍ଭିସ, ସୁରକ୍ଷିତ ଓ ନିର୍ଭରଯୋଗ୍ୟ କ୍ଲାଉଡ ଟେକ୍ନୋଲୋଜି ଓ ଡେଭ୍ଲପର ଟୁଲଗୁଡିକ ପାଇଁ ପହଂଚ ପ୍ରଦାନ କରିବ। ୨୦୧୦-୨୦୩୦ ମଧ୍ୟରେ ଭାରତରେ ଆମାଜନର ମୋଟ ନିବେଶ ପରିମାଣ ୮୮ ବିଲିୟନ ଡଲାର ଅଧିକ ରହିଛି। ଆମାଜନ ଏହାର ଇକମର୍ସ ଓ କ୍ୱିକ କମର୍ସ ବ୍ୟବସାୟଗୁଡିକୁ ସଶକ୍ତ କରିବା ପାଇଁ ପରିଚାଳନା ନେଟ୍ୱର୍କରେ ନିବେଶ ଜାରି ରଖିବ। କମ୍ପାନୀ ଚଳିତ ବର୍ଷ ୨୦ରୁ ଅଧିକ ନୂଆ ଫୁଲଫିଲମେଂଟ ସେଂଟର ଓ ୧୦୦ରୁ ଅଧିକ ନୂଆ ଲାଷ୍ଟ ମାଇଲ ଡେଲିଭରି ଷ୍ଟେସନ ଲଂଚ କରିବା ପାଇଁ ଯୋଜନା ରଖିଛି, ଯାହା ଦେଶବ୍ୟାପୀ , ବିଶେଷ କରି ଟାୟାର ୩ ଓ ୪ ସହରଗୁଡିକରେ ଗ୍ରାହକଙ୍କ ପାଇଁ ଦ୍ରୁତ ଓ ନିର୍ଭରଯୋଗ୍ୟ ଡେଲିଭରି ଆଣୁଛି, କିଛି ମିନିଟ୍, ଘଂଟା ଓ ପରବର୍ତୀ ଦିନରେ ଡେଲିଭରି ସହ ଦ୍ରୁତତମ ବେଗ ଓ ସର୍ବବୃହତ ସିଲେକ୍ସନର ଏକ ସମ୍ପୂର୍ଣ୍ଣ ଶୃଙ୍ଖଳା ପ୍ରଦାନ କରୁଛି। ଆମାଜନ ପକ୍ଷରୁ ହଜାର ହଜାର ଡେଲିଭରି ଆସୋସିଏଟଙ୍କ କଲ୍ୟାଣ ଉପରେ ଗୁରୁତ୍ୱ ଦେଉଥିବା ଏକ ଉତ୍ସର୍ଗୀକୃତ କାର୍ଯ୍ୟକ୍ରମ 'ସମ୍ମାନ'ର ଘୋଷଣା ମଧ୍ୟ କରାଯାଇଛି ଯାହା ଏହାର ଇକମର୍ସ ଓ କ୍ୱିକ କମର୍ସ ନେଟ୍ ?ୱର୍କକୁ ସଶକ୍ତ କରୁଛି।

ଏହି ସମୟରେ ଜେସି, ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତାଙ୍କର ନେତୃତ୍ୱ ପାଇଁ ଧନ୍ୟବାଦ ଜଣାଇଥିଲେ ଏବଂ ଭାରତର ବର୍ଦ୍ଧିତ ମହତ୍ୱ ଉପରେ ଆଲୋକପାତ କରିଥିଲେ ଯେଉଁଠାରେ ଆମାଜନ ଇକମର୍ସ, ଏଆଇ, କ୍ଲାଉଡ ଓ ମନୋରଞ୍ଜନ ଭଳି ଅନେକ ବ୍ୟବସାୟ ପରିଚାଳନା କରୁଛି। ସେ ଉଲ୍ଲେଖ କରିଛନ୍ତି ଯେ, କମ୍ପାନୀର ଭାରତ



ବ୍ୟବସାୟ ବିଶେଷ କରି ଏହାର ଇକମର୍ସ ଓ ଏଡବ୍ଲ୍ୟୁଏସ ବ୍ୟବସାୟ କ୍ଷେତ୍ରରେ ମଜବୁତ ଗ୍ରାହକ ଚାହିଦା ସହିତ ଏକ ମଜବୁତ ଅଭିବୃଦ୍ଧି ପଥରେ ରହିଛି। ଭାରତରେ ଏହାର ଲଂଚ ପରଠାରୁଆମାଜନ ୧୨ ମିଲିୟନ କ୍ଷୁଦ୍ର ବ୍ୟବସାୟର ଡିଜିଟାଲୀକରଣ କରିଛି, ଯାହା ମୋଟ ୨୦ ବିଲିୟନ ଡଲାରର ଇକମର୍ସ ରପ୍ତାନୀକୁ ସକ୍ଷମ କରିଛି ଏବଂ ୨.୮ ମିଲିୟନ ନିଯୁକ୍ତିରେ ସହଯୋଗ କରିଛି। ଆମାଜନ କ୍ଲାଉଡ ଦକ୍ଷତା ଉପରେ ୧୦ ମିଲିୟନରୁ ଅଧିକ ଭାରତୀୟଙ୍କୁ ତାଲିମ ପ୍ରଦାନ କରିଛି। ୨୦୩୦ ସୁଦ୍ଧା କମ୍ପାନୀ ଭାରତରେ ଏହାର ବ୍ୟବସାୟ ବିସ୍ତାର ଓ ସମର୍ଥନ ପାଇଁ ୪୮ ବିଲିୟନ ଡଲାର ନିବେଶ କରିବା ପାଇଁ ଯୋଜନା ରଖିଛି। ସରକାରଙ୍କ ପ୍ରାଥମିକତା ସହ ସମନ୍ୱୟରେ ଆମାଜନ ଏଆଇ-ପରିଚାଳିତ ଡିଜିଟାଲୀକରଣ, ରପ୍ତାନୀ ଅଭିବୃଦ୍ଧି ଓ ନିଯୁକ୍ତି ସୃଷ୍ଟି ଉପରେ ଏହାର ଦୃଢ ମହତ୍ୱକୁ ଜାରି ରଖିବ। କମ୍ପାନୀ ୩.୮ ମିଲିୟନରୁ ଅଧିକ ନିଯୁକ୍ତିରେ ସହଯୋଗ କରିବା, ୮୦ ବିଲିୟନ ଡଲାରରୁ ଅଧିକ ରପ୍ତାନୀକୁ ସକ୍ଷମ କରିବା, ୧୫ ମିଲିୟନ କ୍ଷୁଦ୍ର ବ୍ୟବସାୟ ପାଇଁ ଏଆଇ ଲାଭ ଏବଂ ୪ ମିଲିୟନ ସରକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଏଆଇ ଶିକ୍ଷାକୁ ସକ୍ଷମ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛି।

ଆମାଜନ ସିଇଓ ଆଣ୍ଡି ଜେସି କହିଛନ୍ତି, "ଆମେ ଏକ ଦଶନ୍ଧି ପୂର୍ବେ ଭାରତକୁ ଆସିଥିଲୁ ଏବଂ ସେବେଠାରୁ ଆମେ ଆମର ବିଭିନ୍ନ ବ୍ୟବସାୟ ମାଧ୍ୟମରେ ଗ୍ରାହକ, ସେଲର, ଡେଭ୍ଲପର, ଷ୍ଟାର୍ଟଅପ ଓ ଉଦ୍ୟୋଗଗୁଡିକୁ ସେବା ପ୍ରଦାନ କରୁଛୁ। ବିଶେଷ କରି ଆମର ଇକମର୍ସ, ଏଆଇ ଓ କ୍ଲାଉଡ ବ୍ୟବସାୟରେ ମଜବୁତ ଅଭିବୃଦ୍ଧି ସହିତ ଆମକୁ ଏଠାରେ ମିଳିଥିବା ପ୍ରତିକ୍ରିୟା ଉତ୍ସାହଜନକ ଅଟେ। ଭାରତରେ ଆମେ ଆମାଜନକୁ ବିସ୍ତାର କରୁଥିବାରୁ, ଆମର ବ୍ୟବସାୟ ପ୍ରାଥମିକତାଗୁଡିକ, ଏଆଇ ପାଇଁ ପହଂଚକୁ ଗଣତାନ୍ତ୍ରିକ କରିବା, କ୍ଷୁଦ୍ର ବ୍ୟବସାୟଗୁଡିକର ଡିଜିଟାଲୀକରଣ, ନିଯୁକ୍ତି ସୃଷ୍ଟି ଓ ରପ୍ତାନୀକୁ ସକ୍ଷମ କରିବା ନେଇ ଭାରତର ପ୍ରାଥମିକତା ସହ ଜଡିତ ରହିଛି। ଆମେ ଭାରତରେ ଆମର ବ୍ୟବସାୟଗୁଡିକରେ ମଜବୁତ ଚାହିଦାକୁ ପୂରଣ କରିବା ଏବଂ ଏହି ପ୍ରାଥମିକତାଗୁଡିକୁ ହାସଲ କରିବାରେ ଦେଶକୁ ସହଯୋଗ କରିବା ପାଇଁ ଆଗାମୀ ୫ ବର୍ଷରେ ଏଠାରେ ୪୮ ବିଲିୟନ ଡଲାରରରୁ ଅଧିକ ନିବେଶ କରିବା ପାଇଁ ଯୋଜନା ରଖିଛୁ।ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଓ ଆତ୍ମନିର୍ଭର ଭାରତର ଲକ୍ଷ୍ୟ ଦ୍ୱାରା ଅନୁପ୍ରାଣିତ ଅଟୁ ଏବଂ ଭାରତର ଅଭିବୃଦ୍ଧି କାହାଣୀରେ ଏକ ଦୀର୍ଘକାଳିନ ସହଯୋଗୀ ହେବା ପାଇଁ ପ୍ରତିବଦ୍ଧ ରହିଛୁ।"

ଏଆଇ ଓ କ୍ଲାଉଡ ଭିତିଭୂମି କ୍ଷେତ୍ରରେ ଆମାଜନ ୧୩ ବିଲିୟନ ଡଲାରର ଅତିରିକ୍ତ ନିବେଶ ସମ୍ପର୍କରେ ଅଧିକ ସୂଚନା: ଏହି ନିବେଶ ୨୦୨୬ରୁ ୨୦୩୦ ସୁଦ୍ଧା ଭାରତରେ ଏଆଇ ଓ କ୍ଲାଉଡ ଭିତିଭୂମି କ୍ଷେତ୍ରରେ ଆମାଜନର ମୋଟ ନିବେଶ ଯୋଜନାକୁ ୨୧ ବିଲିୟନ ଡଲାରରେ ପହଂଚାଇଛି, ଯାହା ମୁମ୍ବାଇ ଓ ହାଇଦ୍ରାବାଦରେ ଏଆଇ ଓ କ୍ଲାଉଡ ଭିତିଭୂମିର ବିସ୍ତାର ଓ ସମର୍ଥନ କରୁଛି। ଉଭୟ ଏଡବ୍ଲ୍ୟୁଏସ ରିଜିଅନ ଗ୍ରାହକଙ୍କୁ ଭାରତ ମଧ୍ୟରେ ନିଜର ଡାଟା ସୁରକ୍ଷିତ ଭାବେ ସଂରକ୍ଷିତ ରଖିବା ଏବଂ ସେମାନଙ୍କୁ ଉଚ୍ଚ ପ୍ରଦର୍ଶନକ୍ଷମ ଟ୍ରାଇନିୟମ ଚିପ୍ସ ଓ ଏଡବ୍ଲ୍ୟୁଏସର ଅଗ୍ରଣୀ ଇନଫରେନ୍ସ ଇଞ୍ଜିନ ଆମାଜନ ବେଡ୍ ?ରକ ସମେତ ବିଶ୍ୱର ସବୁଠାରୁ ଆଡ୍ଭାନ୍ସଡ ଏଆଇ ଓ କ୍ଲାଉଡ ଟେକ୍ନୋଲୋଜି ପାଇଁ ପହଂଚ ପ୍ରଦାନକରିବ। ଆମାଜନ କିରୋ ଓ କ୍ୱିକ ସହିତ ଭାରତର ଡେଭ୍ଲପର ଓ ସୂଚନା କର୍ମଚାରୀମାନେ ଦ୍ରୁତ ବେଗରେ ନିର୍ମାଣ କରିବେ ଏବଂ ଆଡ୍ ?ଭାନ୍ସଡ ଏଆଇ ଓ ଏଜେନ୍ଟିକ କ୍ଷମତାଗୁଡିକରୁ ଲାଭାନ୍ୱିତ ହେବେ। ନ୍ୟାଶନାଲ ହେଲ୍ ?ଥ ଅଥୋରିଟି, ଗଭର୍ଣ୍ଣମେଂଟ ଇ-ମାର୍କେଟପ୍ଲେସ, ଆପୋଲୋ ଟାୟା ?ସ, ଡେଲିଭେରୀ, ଫିଜିକ୍ସୱାଲା, ଆକ୍ସିସ ବ୍ୟାଙ୍କ,ଏଚଡିଏଫସି ବ୍ୟାଙ୍କ ଭଳି ଶତାଧିକ ଭାରତୀୟ ଉଦ୍ୟୋଗ, ଷ୍ଟାର୍ଟଅପ ଓ ସରକାରୀ ସଂସ୍ଥାଗୁଡିକ ପୂର୍ବରୁ ପ୍ରଡକ୍ସନ ସ୍ତରରେ ଏଆଇ କାର୍ଯ୍ୟଭାରର ନିର୍ମାଣ, ପ୍ରଶିକ୍ଷଣ ଓ ନିୟୋଜିତ କରିବା ପାଇଁ ଏଡବ୍ଲ୍ୟୁଏସର ବ୍ୟବହାର କରୁଛନ୍ତି।

# ଟାଟା ଏଆଇଏ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ମଲ୍ଟିଫ୍ୟାକ୍ଟର ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ

**ଭୁବନେଶ୍ୱର, ୨୮।୬ (ନି.ପ୍ର) :** ବଜାର ଅସ୍ଥିରତା ପାଇଁ ନିବେଶକମାନେ ଦୀର୍ଘକାଳୀନ ନିବେଶ ପ୍ରତି ପ୍ରତିବଦ୍ଧ ହୋଇପାରୁନାହାନ୍ତି। ଟାଟା ଏଆଇଏ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ଟାଟା ଏଆଇଏ ମଲଟିଫ୍ୟାକ୍ଟର ଇଣ୍ଡେକ୍ସ ଫଣ୍ଡ ଉନ୍ମୋଚନ କରାଯାଇଛି। ଏହା ହେଉଛି ଏକ ୟୁନିଟ ଲିଙ୍କଡ ସମାଧାନ ଯାହା ଇକ୍ୱିଟି ବଜାରରେ ଅଂଶଗ୍ରହଣ କରିବା ସହିତ ଜୀବନ ବୀମା ସୁରକ୍ଷା ପ୍ରଦାନ କରିବ।

ଏହି ଫଣ୍ଡ ପାଇଁ ନିଫ୍ଟି ୫୦୦ ମଧ୍ୟରୁ ୫୦ଟି କମ୍ପାନିକୁ ଚୟନ କରାଯାଇଛି। ସେଥିପାଇଁ ନିମ୍ନ ଅସ୍ଥିରତା, ଗୁଣାତ୍ମକ ମାନ, ମୂଲ୍ୟ ଓ ଗତିଶୀଳତା ଭଳି ଚାରିଟି ବିଷୟ ବିଚାରକୁ ନିଆଯାଇଥିଲା। ଅଳ୍ପ ଅସ୍ଥିରତା ସାମନା କରୁଥିବା କମ୍ପାନିଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି ଯେଉଁମାନଙ୍କର ମୂଲ୍ୟ ସାଧାରଣତଃ ସ୍ଥିର ରହୁଛି। ତାହା ନିବେଶକମାନଙ୍କୁ ଦ୍ରୁତ, ଅଧିକ ସ୍ଥାୟୀ ନିବେଶ ଯାତ୍ରା ପାଇଁ ସହାୟକ ହେବା ସହ ଇକ୍ୱିଟି ବଜାର ଅଭିବୃଦ୍ଧିରେ ସେମାନଙ୍କୁ ସାମିଲ କରିବ।

ଉପଯୋଗିତା, ମାନୁଫାକଚରିଂ, ଭିତିଭୂମି ବିକାଶ ଓ ଡିଜିଟାଲ ସମ୍ପ୍ରସାରଣକୁ ନେଇ ଭାରତ ଦୃଢ଼ ଦୀର୍ଘକାଳୀନ ଅଭିବୃଦ୍ଧି ସମ୍ଭାବନା ପ୍ରଦାନ କରୁଛି। କିନ୍ତୁ ବଜାର ସିଧାସଳଖ ରେଖାରେ ଆଗକୁ ବଢୁନାହିଁ। ଗୋଟିଏ ବିଷୟ କିମ୍ବା ଗୋଟିଏ ପ୍ରକାର ନିବେଶ ଢ଼ାଂଚାରେ ଆଗକୁ ବଢ଼ିଲେ ବିପଦ ସାମନା କରିବାର ଆଶଙ୍କା ରହିଛି ଯାହା ନିବେଶକମାନଙ୍କୁ ବଜାର ହ୍ରାସ ସମୟରେ ପ୍ରଭାବିତ କରିବ। ଟାଟା ଏଆଇଏ ମଲଟି ଫ୍ୟାକ୍ଟର ଇଣ୍ଡେକ୍ସ ଫଣ୍ଡ ସେହି ସମସ୍ୟାର ସମାଧାନ କରିବ। ଏହାର ନିମ୍ନ ଅସ୍ଥିରତା ଉପାଦାନ ମୂଲ୍ୟରେ ଦ୍ରୁତ ହ୍ରାସ ସମୟରେ ସୁରକ୍ଷା ପ୍ରଦାନ କରିବ।

ଟାଟା ଏଆଇଏର ୟୁଲିପ ସମାଧାନଗୁଡ଼ିକରେ ଉପଲବ୍ଧ ହୋଇଥିବା ଏହି ଫଣ୍ଡ ଗ୍ରାହକମାନଙ୍କୁ ଜୀବନ ବୀମା ସୁରକ୍ଷା ସହିତ ବଜାର ସହ ଯୋଡ଼ିହୋଇଥିବା ନିବେଶ ସୁଯୋଗ ପ୍ରଦାନ କରିବ। ପରୋକ୍ଷ, ପରିମାଣ ଭିତ୍ତିକ ଫ୍ରେମ୍ୱର୍କ ଜରିଆରେ ଦୀର୍ଘକାଳୀନ ସମ୍ପତ୍ତି ଗଢ଼ିବାକୁ ଏହି ରଣନୀତି ପ୍ରସ୍ତୁତ କରାଯାଇଛି। ଏକ ନିୟମ ଆଧାରିତ ଆଭିମୁଖ୍ୟ ଜରିଆରେ ଏହି ଫଣ୍ଡ ସ୍ୱତନ୍ତ୍ର ଷ୍ଟକ ଚୟନ ଉପରେ ନିର୍ଭରଶୀଳତା କମ କରିବ ଏବଂ ପୋର୍ଟଫୋଲିଓ ଗଠନ ଓ ପୁନଃସନ୍ତୁଳନରେ ସ୍ଥିରତା ସୁନିଶ୍ଚିତ କରିବ। ଏହି ଫଣ୍ଡର ବେଂଚମାର୍କ ହେଉଛି ନିଫ୍ଟି ୫୦୦ ମଲଟି ଫ୍ୟାକ୍ଟର ଏମକ୍ୟୁଭିଏଲଭି ୫୦ ଇଣ୍ଡେକ୍ସ। ଏଥିରେ ୮୦-୧୦୦ ପ୍ରତିଶତ ପାଣ୍ଠିକୁ ଇକ୍ୱିଟିରେ ନିବେଶ କରାଯିବ।

# ଓଡିଶାର ସ୍ୱଚ୍ଛ ଶକ୍ତି ଓ ଇଣ୍ଡଷ୍ଟ୍ରିଆଲ ଡିକାର୍ବନାଇଜେଶନ ଯାତ୍ରା ପାଇଁ ରୋଡମ୍ୟାପ ପ୍ରସ୍ତୁତ -ସିଆଇଆଇ ଏନର୍ଜି କନ୍‌କ୍ଲେଭ

**ଭୁବନେଶ୍ୱର, ୨୮।୬ (ନି.ପ୍ର) :** ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ପକ୍ଷରୁ ଓଡିଶା ସରକାରଙ୍କ ଶକ୍ତି ବିଭାଗ ସହ ସହଭାଗିତାରେ ଭୁବନେଶ୍ୱରର ହୋଟେଲ ମେଫେୟାରଠାରେ 'ପୂର୍ବ ଭାରତର ସବୁଜ ରୂପାନ୍ତରଣକୁ ଶକ୍ତି ପ୍ରଦାନ କରିବା- ନୀତି, ଉଦ୍ଭାବନ ଓ ଶିଳ୍ପ ଡିକାର୍ବନୀକରଣ' ବିଷୟବସ୍ତୁ ଉପରେ ସିଆଇଆଇ ଏନର୍ଜି କନ୍‌କ୍ଲେଭ ୨୦୨୬ର ଆୟୋଜନ କରାଯାଇଛି। ଏହି ସମ୍ମିଳନୀ ନୀତି ନିର୍ମାତା, ଶିଳ୍ପର ଲିଡର, ଶକ୍ତି ବିଶେଷଜ୍ଞ, ଟେକ୍ନୋଲୋଜି ପ୍ରଦାତା ଓ ସ୍ଥାୟିତ୍ୱ କ୍ଷେତ୍ରର ପେସାଦାରମାନଙ୍କୁ ଏକ ନିମ୍ନ-କାର୍ବନ ଓ ସ୍ଥାୟୀ ଭବିଷ୍ୟତ ଦିଗରେ ଓଡିଶାର ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ପାଇଁ ରଣନୀତି ଉପରେ ଆଲୋଚନା କରିବା ପାଇଁ ଏକାଠି କରିଥିଲା। ନିଜ ଉଦ୍‌ଘାଟନୀ ଅଭିଭାଷଣରେ ଓଡିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଏକ ଅଗ୍ରଣୀ ସ୍ୱଚ୍ଛଶକ୍ତି ନିବେଶ କେନ୍ଦ୍ରରେ ପରିଣତ ହେବା ପାଇଁ ଓଡିଶାର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ସେ ସୋଲାର, ପବନ, ପମ୍ପଡ ଷ୍ଟୋରେଜ ଓ ହାଇବ୍ରିଡ ଶକ୍ତି ପ୍ରକଳ୍ପଗୁଡିକ ମାଧ୍ୟମରେ ୨୦୩୦ ସୁଦ୍ଧା ୧୧ ଜିଡବ୍ଲ୍ୟୁର ନବୀକରଣଯୋଗ୍ୟ ଶକ୍ତି କ୍ଷମତା ହାସଲ କରିବାର ରାଜ୍ୟର ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ସେ ସୂଚନା ଦେଇଛନ୍ତି ଯେ, ଓଡିଶା ୬.୭ ଜିଡବ୍ଲ୍ୟୁ ନବୀକରଣଯୋଗ୍ୟ ଶକ୍ତି ପ୍ରକଳ୍ପ ପାଇଁ ୬୭,୦୦୦ କୋଟି ଟଙ୍କା ମୂଲ୍ୟର ନିବେଶ ପ୍ରତିଶ୍ରୁତି ପାଇଥିବା ବେଳେ ରାଜ୍ୟର ଉପକୂଳ ଅଂଚଳରେ ଗ୍ରୀନ ହାଇଡ୍ରୋଜେନ ଓ ଗ୍ରୀନ ଆମୋନିଆ ପ୍ରକଳ୍ପଗୁଡିକ ସବୁଜ ଶିଳ୍ପର ଅଭିବୃଦ୍ଧିକୁ ସମର୍ଥନ କରୁଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ପ୍ରାୟ ୨ ଲକ୍ଷ କୋଟି ଟଙ୍କା ମୂଲ୍ୟର ସ୍ୱଚ୍ଛ ଶକ୍ତି ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି ଏବଂ ଟ୍ରାନ୍ସମିଶନ ଭିତିଭୂମି କ୍ଷେତ୍ରରେ ୩୦,୦୦୦ କୋଟି ଟଙ୍କାର ଅତିରିକ୍ତ ନିବେଶ ଆଶା କରାଯାଉଛି, ଯାହା ସ୍ଥାୟୀ ଓ ସମାବେଶୀ ଅଭିବୃଦ୍ଧି ପାଇଁ ଓଡିଶାର ଭିଜନ ୨୦୪୭କୁ ସମର୍ଥନ କରୁଛି। ସ୍ୱତନ୍ତ୍ର ଅଭିଭାଷଣ ପ୍ରଦାନ କରି ଓଡିଶା ସରକାରଙ୍କ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ଆଇଏଏସ ଶ୍ରୀ ବିଶାଲ କୁମାର ଦେବ ନବୀକରଣଯୋଗ୍ୟ ଶକ୍ତି, ଶକ୍ତି ଦକ୍ଷତା, ଗ୍ରୀନ ହାଇଡ୍ରୋଜେନ ଓ ସ୍ଥାୟୀ ଶିଳ୍ପ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ପ୍ରୟାସଗୁଡିକୁ ହାଇଲାଇଟ କରିଥିଲେ। ସେ ଓଡିଶାର ଟ୍ରାନ୍ସମିଶନ ଓ ବିତରଣ ଭିତିଭୂମିକୁ ମଜବୁତ କରିବା ପାଇଁ ୪୫୦୦ କୋଟି ଟଙ୍କା ଘୋଷଣା କରିଛନ୍ତି ଏବଂ ଏକ ସ୍ଥିର ଶକ୍ତି ଇକୋସିଷ୍ଟମ ନିର୍ମାଣ କରିବା ପାଇଁ ଡେଭ୍ଲପର, ଟେକ୍ନୋଲୋଜି ପ୍ରଦାତା, ଆର୍ଥିକ ଅନୁଷ୍ଠାନ ଓ ସ୍ଥାନୀୟ ସମୁଦାୟଗୁଡିକ ମଧ୍ୟରେ ସହଭାଗିତାର ମହତ୍ୱକୁ ଗୁରୁତ୍ୱାରୋପ କରିଛନ୍ତି। ଏଥିସହିତ ସେ ଗ୍ଲୋବାଲ ଏନର୍ଜି ଲିଡର୍ସ ସମିଟ ୨୦୨୬ ଭୁବନେଶ୍ୱରରେ ଆୟୋଜିତ ହେବ ବୋଲି ଘୋଷଣା କରିଛନ୍ତି ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଏଥିରେ ଅଂଶଗ୍ରହଣ କରିବା



ପାଇଁ ଆମନ୍ତ୍ରଣ କରିଛନ୍ତି। ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି ସିଆଇଆଇ ଓଡିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଏବଂ ଜେଏସଡବ୍ଲ୍ୟୁ ଷ୍ଟିଲ ଲିମିଟେଡର ଅଧ୍ୟକ୍ଷ ଅନୀଲ କୁମାର ସିଂହ ସ୍ୱଚ୍ଛ ଶକ୍ତି ନିବେଶ ଓ ସ୍ଥାୟୀ ଶିଳ୍ପ ବିକାଶ ପାଇଁ ଏକ କେନ୍ଦ୍ର ଭାବେ ଓଡିଶାର ବର୍ଦ୍ଧିତ ମହତ୍ୱକୁ ହାଇଲାଇଟ କରିଛନ୍ତି। ସେ ଓଡିଶାକୁ ପୂର୍ବ ଭାରତର ସବୁଜ ଶକ୍ତିର ପ୍ରବେଶଦ୍ୱାର ଭାବେ ଅବସ୍ଥାପିତ କରିବା ପାଇଁ ସରକାର, ଶିଳ୍ପ, ନିବେଶକ ଓ ଆର୍ଥିକ ଅନୁଷ୍ଠାନଗୁଡିକ ମଧ୍ୟରେ ମଜବୁତ ସହଯୋଗିତା ପାଇଁ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ସିଆଇଆଇ ଇଷ୍ଟର୍ଣ୍ଣ ରିଜିଅନ ଏନର୍ଜି ସବ୍‌କମିଟିର ଅଧ୍ୟକ୍ଷ ଏବଂ ଲେଜର ପାୱାର ଆଣ୍ଡ ଇନଫ୍ରା ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଦେବେଶ ଗୋୟଲ, ବିଶ୍ୱ ଶକ୍ତି କ୍ଷେତ୍ର, ଶକ୍ତି ସୁରକ୍ଷା, ସୁଲଭତା, ସ୍ଥାୟିତ୍ୱ ଓ ସ୍ଥିରତା ଦ୍ୱାରା ପରିଚାଳିତ ଦ୍ରୁତ ରୂପାନ୍ତରଣର ସମ୍ମୁଖୀନ ହେଉଛି ବୋଲି ଉଲ୍ଲେଖ କରି ସମ୍ମିଳନୀ ପାଇଁ ପ୍ରସଙ୍ଗ ଉପସ୍ଥାପନ କରିଥିଲେ।

ଏନଟିପିସି ଲିମିଟେଡର ଆଂଚଳିକ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ବିଜୟ ଚାନ୍ଦ ପୂର୍ବ ଭାରତକୁ ଏକ ବହୁମୁଖୀ ଶକ୍ତି ପରିବର୍ତନ ରଣନୀତି ମାଧ୍ୟମରେ ସ୍ଥାୟିତ୍ୱ ସହ ଶିଳ୍ପ ଅଭିବୃଦ୍ଧିକୁ ସନ୍ତୁଳିତ ରଖିବାର ଆବଶ୍ୟକତା ଉପରେ ମହତ୍ୱ ଦେଇଥିଲେ। ସାତ୍ୱିକ ସୋଲାର ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଶ୍ରଯୁକ୍ତ ପ୍ରଶାନ୍ତ ମାଥୁର ଭାରତର ଶକ୍ତି ସୁରକ୍ଷାକୁ ମଜବୁତ କରିବା ଏବଂ ଦେଶର ନବୀକରଣଯୋଗ୍ୟ ଶକ୍ତି ଲକ୍ଷ୍ୟକୁ ସମର୍ଥନ କରିବା କ୍ଷେତ୍ରରେ ଘରୋଇ ସୋଲାର ଉତ୍ପାଦନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ବ୍ୟାପକ ସ୍ତରର ସୋଲାର ନିୟୋଜନ ପାଇଁ ନିରନ୍ତର ନୀତି ସମର୍ଥନ, ଟେକ୍ନୋଲୋଜି ଉଦ୍ଭାବନ ଓ ଯୋଗାଣ ଶୃଙ୍ଖଳା ସ୍ଥିରତା ପାଇଁ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଆଭାଡା ଗ୍ରୁପର ଗ୍ରୀନ ହାଇଡ୍ରୋଜେନ ଆଣ୍ଡ ଆମୋନିଆ ବିଜନେସ୍‌ର ଅଧ୍ୟକ୍ଷ ଓ ମୁଖ୍ୟ ଶ୍ରୀଯୁକ୍ତ ପ୍ରଶାନ୍ତ ଚୌବେ ଜଟିଳ କ୍ଷେତ୍ରଗୁଡିକର ଡିକାର୍ବନୀକରଣ ଓ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିକୁ ଆଗକୁ ବଢାଇବା କ୍ଷେତ୍ରରେ ଗ୍ରୀନ ହାଇଡ୍ରୋଜେନ ଓ ଗ୍ରୀନ ଆମୋନିଆର ପରିବର୍ତନଶୀଳ କ୍ଷମତାକୁ ସୂଚିତ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ, ଓଡିଶାର ମଜବୁତ ଶିଳ୍ପ ଇକୋସିଷ୍ଟମ, ବନ୍ଦର ଭିତିଭୂମି ଓ ନବୀକରଣଯୋଗ୍ୟ ଶକ୍ତି କ୍ଷମତା, ରାଜ୍ୟକୁ ଗ୍ରୀନ ହାଇଡ୍ରୋଜେନ ନିବେଶ ଓ ରପ୍ତାନୀ ପାଇଁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳୀ ଭାବେ ଅବସ୍ଥାପିତ କରୁଛି। ଉଦ୍‌ଯାପନୀ ଅଭିଭାଷଣରେ ଶ୍ରୀଯୁକ୍ତ ମଣିକାନ୍ତ ନାୟକ ପୂର୍ବ ଭାରତର ସମୁଜ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ପାଇଁ ସରକାର, ଶିଳ୍ପ, ଆର୍ଥିକ ଅନୁଷ୍ଠାନ ଓ ଟେକ୍ନୋଲୋଜି ପ୍ରଦାତାଙ୍କ ମଧ୍ୟରେ ସହଭାଗୀ କାର୍ଯ୍ୟର ଆବଶ୍ୟକତାକୁ ଗୁରୁତ୍ୱ ଦେଇଥିଲେ ଏବଂ ଓଡିଶାର ରଣନୈତିକ ସୁବିଧା, ପ୍ରଗତିଶୀଳ ନୀତି ଢାଂଚା, ମଜବୁତ ଶିଳ୍ପ ଆଧାର ଓ ବିସ୍ତୃତ ନବୀକରଣଯୋଗ୍ୟ ଶକ୍ତି କ୍ଷମତାକୁ ରେଖାଙ୍କିତ କରିଥିଲେ।

# ପୁଦିନାର ମହତ୍ୱକୁ ସାମିଲ କରିଛି ଡାବର ଇଣ୍ଡିଆ ଲିମିଟେଡ



**ଭୁବନେଶ୍ୱର, ୨୮।୬ (ନି.ପ୍ର):** ଆୟୁର୍ବେଦିକ ଔଷଧି ବା ଚେରମୂଳିର ଲାଭର ପ୍ରଚାର ପ୍ରସାର କରିବା ପାଇଁ ନିଜ ଲକ୍ଷ୍ୟରେ ଆଗକୁ ବଢି ଭାରତର ସର୍ବବୃହତ ବିଜ୍ଞାନ-ଆଧାରିତ ଆୟୁର୍ବେଦ କମ୍ପାନୀ ଡାବର ଇଣ୍ଡିଆ ଲିମିଟେଡ ପୁଦିନାକୁ ଏକ ଚମତ୍କାରୀ ଔଷଧି ଭାବେ ପ୍ରୋତ୍ସାହିତ କରିବା ପାଇଁ ଏକ କ୍ୟାମ୍ପେନ ଶୁଭାରମ୍ଭ କରିଛି। ପୁଦିନାରେ ପ୍ରଚୁର ପରିମାଣର ଆଂଟିଅକ୍ସିଡାଂଟ ଓ ଫିଟୋନ୍ୟୁଟ୍ରିଏଂଟ ରହିଛି ଯାହା ବିଶେଷକରି ପ୍ରଚଣ୍ଡ ଗ୍ରୀଷ୍ମରତୁ ସମୟରେ ମଣିଷର ପେଟ ପାଇଁ ଚମତ୍କାର ଔଷଧ ଭାବେ କାର୍ଯ୍ୟ କରିପାରେ। ଗ୍ରୀଷ୍ମଲହରୀ ଓ ବଢୁଥିବା ତାପମାତ୍ରା ସହିତ, ଗ୍ରୀଷ୍ମ ରତୁ ସମୟରେ ସ୍ୱାସ୍ଥ୍ୟ ସମସ୍ୟା ବାରମ୍ବାର ଦେଖାଦେଉଛି। ଏହି ଗମ୍ଭୀର ରତୁକାଳିନ ସ୍ୱାସ୍ଥ୍ୟଗତ ଚିନ୍ତାକୁ ଦୂର କରିବା ପାଇଁ ଡାବର ପକ୍ଷରୁ ସାରାଦିନ ଦୀର୍ଘ ସମୟ ପର୍ଯ୍ୟନ୍ତ ଖରାରେ ରହୁଥିବା ବ୍ୟକ୍ତି ଓ ସହଜରେ ସାଧାରଣ ଗ୍ରୀଷ୍ମ ରୋଗର ଶିକାର ହେଉଥିବା ବ୍ୟକ୍ତିଙ୍କ ପାଇଁ ପୁଦିନାର ବ୍ୟବହାରକୁ ଉନ୍ମୋଚନ କରାଯାଇଛି।

'ଆଧୁନିକ ସମୟର ରୋଗଗୁଡିକର ସର୍ବୋତମ ପରିଚାଳନା, ଆୟୁର୍ବେଦର ପାଣ୍ଡୁଲିପିରେ ଗଭୀର ଭାବେ ଅନ୍ତର୍ନିହିତ ରହିଛି। ପୁଦିନାର ଐତିହାସିକ ପୃଷ୍ଠଭୂମି ୩୦୦୦ ବର୍ଷ ପୁରାତନ ଅଟେ ଏବଂ ଏହା ଏକ ଚମତ୍କାର ଔଷଧ ଭାବେ ବର୍ଣ୍ଣିତ ରହିଛି ଯାହା ମଣିଷର ହଜମ ପ୍ରଣାଳୀ ପାଇଁ ଲାଭଦାୟକ ଅଟେ। ପୁଦିନାରେ ଥିବା ମେନ୍ଥଲ ହଜମକ୍ରିୟା ପାଇଁ ଆବଶ୍ୟକ ଏନ୍‌ଜାଇମଗୁଡିକୁ ଉତେଜିତ କରିଥାଏ, ପେଟର ମାଂସପେଶୀକୁ ଆରାମ ଦେଇଥାଏ, ବଦହଜମୀ ଓ ପେଟ ଯନ୍ତ୍ରଣାର ସମ୍ଭାବନା ହ୍ରାସ କରିଥାଏ। ଏହା ପେଟ ଯନ୍ତ୍ରଣା ଉପରେ ନିଜର ଶାନ୍ତ ପ୍ରଭାବ ଏବଂ ଅମ୍ଳତା ଓ ପେଟ ଫମ୍ପା ବା ବାୟୁବୃଦ୍ଧିକୁ ଦୂର କରିବା ପାଇଁ ନିଜର କ୍ଷମତା ଲାଗି ପରିଚିତ ଅଟେ' ବୋଲି ଡାକ୍ତର ଅମ୍ବିକା ପ୍ରସାଦ ନାୟକ କହିଛନ୍ତି। ଆଜି ବଜାରରେ ଅନେକ ପ୍ରକାରର ଆଂଟାସିଡି ଉପଲବ୍ଧ ରହିଛି ଯେଉଁଥିରେ ଆଲୁମିନିୟମ/ମ୍ୟାଗ୍ନେସିୟମ ହାଇଡ୍ରୋକ୍ସାଇଡ ଭଳି କ୍ଷତିକାରକ କେମିକାଲ ରହିଛି ଯାହାକୁ ନିୟମିତ ଆଧାରରେ ସେବନ କରାଗଲେ ତାହା ସ୍ୱାସ୍ଥ୍ୟ ଉପରେ କିଛି କ୍ଷତିକାରକ ପ୍ରଭାବ ପକାଇପାରେ। ଡାବରର ୧୦୦ ବର୍ଷରୁ ଅଧିକ ପୁରୁଣା ବ୍ରାଣ୍ଡ ଡାବର ପୁଦିନ ହରା ହେଉଛି ଗ୍ୟାସ, ବଦହଜମୀ, ପେଟ ଯନ୍ତ୍ରଣା ଓ ଅମ୍ଳତା ଭଳି ସମସ୍ତ ପ୍ରକାରର ପେଟ ସମସ୍ୟାରେ ଶୀଘ୍ର ଓ ପ୍ରଭାବୀ ଆରାମ ଦେବା ପାଇଁ ପୁଦିନା ସତ୍ୱର ଉତମତା ସହ ଏକ ଆୟୁର୍ବେଦିକ ସମାଧାନ। ପୁଦିନ ହରା ଟାବ୍‌ଲେଟ/ ଲିକ୍ୱିଡ ଭଳି ଏକାଧିକ ଫର୍ମାଟ, ପୁଦିନ ହରା ଫିଜ୍ ଭାବେ ପାଉଡର ଫର୍ମାଟରେ ଉପଲବ୍ଧ ହେଉଛି ଯାହା କ୍ଷତିକାରକ ଅମ୍ଳତା ପାଇଁ ପ୍ରାକୃତିକ ଔଷଧ ଅଟେ।

# ଜେକେ ଅର୍ଗାନାଇଜେସନ୍ ପକ୍ଷରୁ ସାରା ଦେଶରେ ରକ୍ତଦାନ ଶିବିର ଆୟୋଜିତ

**କଟକ , ୨୮।୬ (ନି.ପ୍ର) :** ଅଗ୍ରଣୀ ଶିଳ୍ପ ସଂସ୍ଥା ଜେକେ ଅର୍ଗାନାଇଜେସନ୍, ଜେକେ ଅର୍ଗାନାଇଜେସନର ପୂର୍ବତନ ସଭାପତି ତଥା ଜଣେ ଦୂରଦୃଷ୍ଟି ସମ୍ପନ୍ନ ନେତା ସ୍ୱର୍ଗତ ଶ୍ରୀ ହରି ଶଙ୍କର ସିଂଘାନିଆଙ୍କ ୯୩ତମ ଜୟନ୍ତୀ ପାଳନ ଅବସରରେ ଏହାର ବିଭିନ୍ନ କାର୍ଯ୍ୟାଳୟ ଏବଂ ଉତ୍ପାଦନ କେନ୍ଦ୍ରଗୁଡ଼ିକରେ ରକ୍ତଦାନ ଶିବିର ଆୟୋଜନ କରିଥିଲା। ଗ୍ରୁପର ବିଭିନ୍ନ କମ୍ପାନୀର ୮,୦୦୦ରୁ ଅଧିକ କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ, ଯାହା ସାମାଜିକ କଲ୍ୟାଣ ଏବଂ ସାମାଜିକ ଦାୟିତ୍ୱବୋଧ ପ୍ରତି ସଂସ୍ଥାର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ରକ୍ତଦାନ ପୂର୍ବରୁ ସମସ୍ତ ଦାତାଙ୍କର ରକ୍ତଚାପ, ହେମୋଗ୍ଲୋବିନ ଏବଂ ଓଜନ ପରୀକ୍ଷା ସମେତ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କର ଅବଦାନକୁ ସ୍ୱୀକୃତି ଦେବା ପାଇଁ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଏକ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା।

ରକ୍ତଦାନ ଶିବିର ସ୍ୱର୍ଗତ ଶ୍ରୀ ହରି ଶଙ୍କର ସିଂଘାନିଆଙ୍କ ଅବିସ୍ମରଣୀୟ ଅବଦାନ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ଥିଲା, ଯାହାଙ୍କ ନେତୃତ୍ୱ ଏକ ଦୃଢ଼ ଲକ୍ଷ୍ୟ, ରାଷ୍ଟ୍ର ନିର୍ମାଣ ଏବଂ ସମାଜ ସେବା ଦ୍ୱାରା ପରିଭାଷିତ ହୋଇଥିଲା। ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ସ୍ୱର୍ଗତ ଶ୍ରୀ ହରି ଶଙ୍କର ସିଂଘାନିଆ ଜେକେ ଅର୍ଗାନାଇଜେସନକୁ ସୁଦୃଢ଼ ଏବଂ ବିସ୍ତାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ, ଯାହା ନୂତନ ଉଦ୍ୟୋଗ ପ୍ରତିଷ୍ଠା କରିବା ଏବଂ ଗ୍ରୁପର ବଢୁଥିବା ପୋର୍ଟଫୋଲିଓରେ ଅନେକ ବ୍ୟବସାୟକୁ ସାମିଲ କରିବାରେ ସହାୟକ ହୋଇଥିଲା। ଏହି ଅବସରରେ ଉଦବୋଧନ ଦେଇ ଜେକେ ଅର୍ଗାନାଇଜେସନର ଉପାଧ୍ୟକ୍ଷ ଡଃ ରଘୁପତି ସିଂଘାନିଆ କହିଛନ୍ତି:



'ଜେକେ ଅର୍ଗାନାଇଜେସନରେ, ଆମେ ସର୍ବଦା ବିଶ୍ୱାସ କରୁ ଯେ ପ୍ରଗତି ସେତେବେଳେ ହିଁ ଅର୍ଥପୂର୍ଣ୍ଣ ହୋଇଥାଏ ଯେତେବେଳେ ଏହା ଆମର ଆଖପାଖର ସମ୍ପ୍ରଦାୟ ଏବଂ ସମଗ୍ର ଦେଶର କଲ୍ୟାଣରେ ସହାୟକ ହୁଏ। ଏକ ଶତାବ୍ଦୀରୁ ଅଧିକ ସମୟ ଧରି, ଜେକେ ଅର୍ଗାନାଇଜେସନ ବିଶ୍ୱାସ କରିଆସିଛି ଯେ ବ୍ୟବସାୟିକ ଅଭିବୃଦ୍ଧି ସହିତ ସାମାଜିକ ପ୍ରଗତି ମଧ୍ୟ ସମାନ୍ତରାଳ ଭାବେ ଚାଲିବା ଆବଶ୍ୟକ। ଜେକେଓ ଗ୍ରୁପର କମ୍ପାନୀଗୁଡିକରେ ଆୟୋଜିତ ରକ୍ତଦାନ ଶିବିର ହେଉଛି ସେହି ଦର୍ଶନର ଏକ ଅର୍ଥପୂର୍ଣ୍ଣ ଅଭିବ୍ୟକ୍ତି ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ ଦିଗରେ ଅବଦାନ ରଖିବାର ଏକ ସୁଯୋଗ।

# ରିସ୍କ ସ୍ଥାନାନ୍ତରଠାରୁ ଅଭିବୃଦ୍ଧିର ବାର୍ତ୍ତାବହ ପର୍ଯ୍ୟନ୍ତ, ଏମ୍‌ଏସ୍‌ଏମ୍‌ଇ ପାଇଁ ବୀମାର ପୁନଃପରିକଳ୍ପନା

**ଭୁବନେଶ୍ୱର, ୨୮।୬ (ନି.ପ୍ର) :** ଏହି ଏମଏସଏମଇ ଦିବସରେ ଆମେ ଏଆଇ ନେତୃତ୍ୱାଧୀନ ଦୁନିଆରେ ମାନବ କୈନ୍ଦ୍ରିକ ଉଦ୍ୟମିତା ଉପରେ ଗୁରୁତ୍ୱାରୋପ କରି 'ଏମଏସଏମଇର ଭବିଷ୍ୟତ ପିଢ଼ି' ବିଷୟବସ୍ତୁ ଉପରେ ଆଲୋକପାତ କରୁଛୁ। ଏଥି ସହିତ ଭାରତର ଅଭିବୃଦ୍ଧିର ମୂଳଦୁଆକୁ ପାଳନ କରୁଛୁ ଯାହା ନବସୃଜନ, ନିଯୁକ୍ତି ଓ ଆଂଚଳିକ ପ୍ରଗତିକୁ ଆଗକୁ ବଢ଼ାଉଛି। ଭାରତର ଜିଡିପି ପ୍ରତି ଏମଏସଏମଇର ପ୍ରାୟ ୩୦% ଅବଦାନ ରହିଛି ଏବଂ ୧୧୦ ନିୟୁତରୁ ଅଧିକ ଜୀବନଜୀବିକାକୁ ଏହା ସମର୍ଥନ କରୁଛି ଯାହା ଏହାକୁ ଦେଶର ଅଭିବୃଦ୍ଧି କାହାଣୀର ମୂଳକେନ୍ଦ୍ରରେ ପରିଣତ କରିଛି। ଉଦ୍ୟମ ପୀକରଣ, ଉନ୍ନତ ଋଣ ସୁବିଧା ଓ ଡିଜିଟାଲ ସାର୍ବଜନୀନ ଭିତିଭୂମି ଭଳି ପ୍ରଗତିଶୀଳ ସରକାରୀ ପଦକ୍ଷେପ ଏହି କ୍ଷେତ୍ରକୁ ସଂଗଠିତ ଓ ସ୍ଥାୟୀ କରୁଛି। ତେବେ ଜଳବାୟୁ ଅସ୍ଥିରତା ଏବଂ ଯୋଗାଣ ଶୃଙ୍ଖଳରେ ବାଧା ସହିତ ବଢୁଥିବା ବିପଦଗୁଡ଼ିକ, ଅଧିକ ସୁଦୃଢ଼ ଏବଂ ଭବିଷ୍ୟତ-ପ୍ରସ୍ତୁତ ସୁରକ୍ଷା ଢାଞ୍ଚାର ଆବଶ୍ୟକତାକୁ ଉଲ୍ଲେଖ କରୁଛି। ସାଧାରଣ ବୀମା ଏମଏସଏମଇଗୁଡ଼ିକ ପାଇଁ ଏକ ପ୍ରତ୍ୟକ୍ଷ ଅଭିବୃଦ୍ଧି ସମକ୍ଷକାରୀ ଭାବେ ନିଶ୍ଚିତ ରୂପେ ଉଭା ହୋଇଛି ଯାହା ସେମାନଙ୍କୁ ଏହି ଅନିଶ୍ଚିତତାର ଦୁନିଆରେ ବିଶ୍ୱାସର ସହ ବ୍ୟାପକ ହେବାରେ ସହଯୋଗ କରୁଛି। ସାଧାରଣ ବୀମା କେବଳ କ୍ଷତିରୁ ସୁରକ୍ଷା ପ୍ରଦାନକାରୀ ଭୂମିକାରେ ସୀମିତ ନ ରହି, ଏମଏସଏମଇଗୁଡ଼ିକ ପାଇଁ ଏକ ସକ୍ରିୟ ବିକାଶ-ସହାୟକ ଭାବେ ପରିଣତ ହେବା ଆବଶ୍ୟକ। ଏହା ସେମାନଙ୍କୁ ଅଧିକ ଅନିଶ୍ଚିତତାପୂର୍ଣ୍ଣ ବିଶ୍ୱରେ ଆତ୍ମବିଶ୍ୱାସ ସହିତ ବ୍ୟବସାୟ ବିସ୍ତାର କରିବାରେ ସହାୟତା କରିବ। ବର୍ତ୍ତମାନ ଏହା ଆଉ କେବଳ ସୁରକ୍ଷା ବିଷୟ ହୋଇରହିନାହିଁ, ବରଂ ବିପଦର ଆକଳନ କରିବାର ବିଷୟ ହୋଇଛି ଯାହା ଦ୍ୱାରା ଦ୍ରୁତ ସୁଧାର ହୋଇପାରିବ ଓ ସ୍ଥାୟୀ ଅଭିବୃଦ୍ଧିକୁ ତାହା ସମର୍ଥନ କରିବ। ଇଣ୍ଡସଇଣ୍ଡ ଜେନେରାଲ୍ ଇନ୍ସୁରାନ୍ସରେ, ଆମେ ଏମଏସଏମଇମାନଙ୍କ ବିକାଶ ଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟରେ ସହଯୋଗ କରିବା ପାଇଁ ପ୍ରଯୁକ୍ତି ଓ ଗଭୀର ଅନ୍ତର୍ଦୃଷ୍ଟି ଦ୍ୱାରା ସମର୍ଥିତ ସରଳ, ସୁଲଭ ଏବଂ ଗ୍ରାହକ କୈନ୍ଦ୍ରିକ ବୀମା ସମାଧାନ ପ୍ରଦାନ କରିବାକୁ ପ୍ରତିବଦ୍ଧ। ଏମଏସଏମଇଗୁଡ଼ିକୁ ସୁଦୃଢ଼ କରିବା କେବଳ ଏକ ଅର୍ଥନୈତିକ ଜରୁରୀ ଆବଶ୍ୟକତା ନୁହେଁ, ବରଂ ଏକ ସ୍ଥାୟୀ, ଆତ୍ମନିର୍ଭର ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ଭାରତ ଗଠନ କରିବାକୁ ଗୁରୁତ୍ୱପୂର୍ଣ୍ଣ।

# ବେଦାନ୍ତ ଦଶନ୍ଧି ଧରି ରାଜକୋଷକୁ ପ୍ରାୟ ୫ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛି

**ଭୁବନେଶ୍ୱର, ୨୮।୬ (ନି.ପ୍ର):** ଭାରତର ଅଗ୍ରଣୀ ବିବିଧ ପ୍ରାକୃତିକ ସମ୍ପଦ କମ୍ପାନୀ ବେଦାନ୍ତ ଲିମିଟେଡ୍ (ବିଏସଇ: ୫୦୦୨୯୫ଏବଂ ଏନ୍‌ଏସଇ: ଭିଇଡିଏଲ), କମ୍ପାନୀର ୧୧ତମ ଟିକସ ସ୍ୱଚ୍ଛତା ରିପୋର୍ଟ ଅନୁଯାୟୀ, ଆର୍ଥିକ ବର୍ଷ ୨୬ ରେ ରାଜକୋଷକୁ ୬୨,୭୨୨ କୋଟି ଟଙ୍କା ପ୍ରଦାନ କରିଛି। ଏହି ରିପୋର୍ଟ ରାଷ୍ଟ୍ର ନିର୍ମାଣ ଏବଂ ସ୍ୱଚ୍ଛ ଶାସନ ପ୍ରତି ବେଦାନ୍ତର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଇଛି । ଏହି ଅବଦାନ ଭାରତର ଅର୍ଥନୈତିକ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି କମ୍ପାନୀର କାର୍ଯ୍ୟରୁ ସମନ୍ୱିତ ରାଜସ୍ୱର ୩୬% ପ୍ରତିନିଧିତ୍ୱ କରେ। ଏହା ପୂର୍ବ ବର୍ଷ ତୁଳନାରେ ୧୩.୩% ବୃଦ୍ଧି ଦର୍ଶାଇଛି, ଯାହା ଫଳରେ ଗତ ଦଶ ବର୍ଷ ମଧ୍ୟରେ ବେଦାନ୍ତର ରାଜକୋଷରେ ସଂଗୃହୀତ ଅବଦାନ ୪,୮୩,୦୩୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି। କମ୍ପାନୀ ଆର୍ଥିକ ଶୃଙ୍ଖଳା, ରାଷ୍ଟ୍ର ନିର୍ମାଣ ଏବଂ ବୀକଶିତ ଭାରତ ମିଶନକୁ ସମର୍ଥନ ଉପରେ ଅଟଳ ଧ୍ୟାନ ପ୍ରଦର୍ଶନ କରିଛି। ଗୋଷ୍ଠୀ ଜାତୀୟ ରାଜକୋଷରେ ଭାରତର ଶୀର୍ଷ ୩ ଘରୋଇ କ୍ଷେତ୍ରର ଅବଦାନକାରୀଙ୍କ ମଧ୍ୟରେ ସ୍ଥାନ ପାଇଛି।

ଆର୍ଥିକ ବର୍ଷ ୨୬ରେ ବେଦାନ୍ତର ଐତିହାସିକ ସର୍ବୋତମ ଆର୍ଥିକ ପ୍ରଦର୍ଶନ ପଛରେ ରାଜକୋଷରେ ଏହି ଅବଦାନ ଥିଲା। ରାଜସ୍ୱ ୧୫% ବୃଦ୍ଧି ପାଇ ୧,୭୪,୦୭୫ କୋଟି ଟଙ୍କା ହୋଇଛି - ଯାହା କମ୍ପାନୀର ଇତିହାସରେ ସର୍ବାଧିକ - ଯେତେବେଳେ ଇବିଆଇଟିଡିଏ ୨୯% ବୃଦ୍ଧି ପାଇ



୫୫,୯୭୬ କୋଟି ଟଙ୍କା ଏବଂ ଟିକସ ପରବର୍ତୀ ଲାଭ (ପାଟ) ୨୨% ବୃଦ୍ଧି ପାଇ ୨୫,୦୯୬ କୋଟି ଟଙ୍କା ହୋଇଛି। ବାଲାନ୍ସ ସିଟ୍ ଉଲ୍ଲେଖନୀୟ ଭାବରେ ମଜବୁତ ହୋଇଛି, ଇବିଆଇଟିଡିଏ ପ୍ରତି ନେଟ୍ ଋଣ ୧.୨୨ ଗୁଣରୁ ୦.୯୫ ଗୁଣକୁ ଉନ୍ନତ ହୋଇଛି - ଯାହା ୧୪ ତ୍ରୈମାସିକରେ ଏହାର ସର୍ବୋତମ ସ୍ତର। ବେଦାନ୍ତର ଜିଙ୍କ- ସୀସା-ରୂପା, ଆଲୁମିନିୟମ, ତମ୍ବା, ଲୁହା ଖଣିଜ, ଇସ୍ପାତ, ଶକ୍ତି, ନିକେଲ, କ୍ରୋମ ଏବଂ ତୈଳ ଏବଂ ଗ୍ୟାସରେ ବିସ୍ତୃତ ପୋର୍ଟଫୋଲିଓରେ ଦୃଢ଼ କାର୍ଯ୍ୟକ୍ଷମ ପ୍ରଦର୍ଶନ ଦ୍ୱାରା ଏହି ଦୃଢ଼ ଆର୍ଥିକ ପ୍ରଦର୍ଶନ ଚାଳିତ ହୋଇଥିଲା। ଜିଙ୍କ ସର୍ବାଧିକ ଅବଦାନକାରୀ ୧୯,୦୫୩ କୋଟି ଟଙ୍କା ରହିଛି, ଏହା ପରେ ଆଲୁମିନିୟମ (ବର୍ତମାନ ବେଦାନ୍ତ ଆଲୁମିନିୟମ ଭାବରେ ତାଲିକାଭୁକ୍ତ) ୧୫,୭୮୮ କୋଟି ଟଙ୍କା ଏବଂ ତୈଳ ଏବଂ ଗ୍ୟାସ (ବର୍ତମାନ ବେଦାନ୍ତ ତୈଳ ଏବଂ ଗ୍ୟାସ ଭାବରେ ତାଲିକାଭୁକ୍ତ) ୧୧,୬୯୭ କୋଟି ଟଙ୍କା ରହିଛି - ଏହା ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଶକ୍ତି କ୍ଷେତ୍ରରେ ବେଦାନ୍ତର ପୋର୍ଟଫୋଲିଓର ବ୍ୟାପକତା ଏବଂ ବିବିଧତାର ପ୍ରତିଫଳନ ଅଟେ। ବେଦାନ୍ତ ଲିମିଟେଡ୍ ଟିକସ ସ୍ୱଚ୍ଛତା ରିପୋର୍ଟର ପ୍ରମୁଖ ମୁଖ୍ୟାଂଶ: ରିପୋର୍ଟରେ ୧୧ତମ ସଂସ୍କରଣରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବେଦାନ୍ତର ଟିକସ ଅବଦାନର ଏକ ବ୍ୟାପକ ବିବରଣୀ ପ୍ରଦାନ କରାଯାଇଛି: ସରକାରୀ ରୟାଲ୍ଟି ଏବଂ ଲାଭ ପେଟ୍ରୋଲିୟମ୍ (୧୪,୮୪୦ କୋଟି ଟଙ୍କା): ରାଜସ୍ଥାନ, ଓଡ଼ିଶା, ଗୁଜରାଟ, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ଗୋଆ, କର୍ଣ୍ଣାଟକ ଏବଂ ଆସାମ ରାଜ୍ୟ ସରକାରଙ୍କୁ ବକ୍ସାଇଟ୍, ସୀସା-ଜିଙ୍କ, ରୂପା, ଲୁହା ଖଣିଜ, ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ ପାଇଁ ପ୍ରଦାନ କରାଯାଇଥିବା ରୟାଲ୍ଟି ଅନ୍ତର୍ଭୁକ୍ତ, ଏବଂ ଉତ୍ପାଦନ ଅଂଶୀଦାର ଚୁକ୍ତିନାମା ଅଧୀନରେ ଭାରତ ସରକାରଙ୍କୁ ପ୍ରଦାନ କରାଯାଇଥିବା ଲାଭ ପେଟ୍ରୋଲିୟମ୍ ଅନ୍ତର୍ଭୁକ୍ତ। ଆୟ ଏବଂ ପୁଁ ଉପରେ ଟିକସ (୮,୨୯୦ କୋଟି ଟଙ୍କା): ସମସ୍ତ କ୍ଷେତ୍ରାଧିକାରରେ ସାମ୍ବିଧାନିକ ରିଟର୍ଣ୍ଣରେ ଦାଖଲ କରାଯାଇଥିବା କର୍ପୋରେଟ୍ ଆୟକର ଅନ୍ତର୍ଭୁକ୍ତ। ଅନ୍ୟ କର ବହନ (୧୧,୮୯୭ କୋଟି ଟଙ୍କା): ୫,୯୮୦ କୋଟି ଟଙ୍କାର ରପ୍ତାନି ଏବଂ ଆମଦାନୀ ଉପରେ ଶୁଳ୍କ, ୫,୯୮୦ କୋଟି ଟଙ୍କାର ତୈଳ ସେସ୍/ଏନସିସିଡି ଅନ୍ତର୍ଭୁକ୍ତ। ୨,୫୦୩ କୋଟି ଟଙ୍କା, ବିଦ୍ୟୁତ ଶୁଳ୍କ ୧,୨୫୨ କୋଟି ଟଙ୍କା ଏବଂ ଅଯୋଗ୍ୟ ଜିଏସଟି ୧,୬୬୩ କୋଟି ଟଙ୍କା ପରୋକ୍ଷ କର (୨୧,୭୬୭ କୋଟି ଟଙ୍କା): ସମସ୍ତ ବ୍ୟବସାୟିକ ୟୁନିଟ ଗୁଡ଼ିକରେ ସାମଗ୍ରୀ ଏବଂ ସେବା ବିକ୍ରୟରୁ ସିଜିଏସଟି, ଏସଜିଏସଟି ଏବଂ ଆଇଜିଏସଟି ଅନ୍ତର୍ଭୁକ୍ତ । ପ୍ରତିରୋଧ କର (୩,୧୮୮ କୋଟି ଟଙ୍କା): ପେରୋଲ୍ କର ଏବଂ ବିକ୍ରେତା ଏବଂ ଠିକାଦାରଙ୍କ ଦେୟ ଉପରେ ଉତ୍ସରୁ କଟାଯାଇଥିବା କର ଅନ୍ତର୍ଭୁକ୍ତ । ଭାରତ ସରକାରଙ୍କୁ କର୍ପୋରେଟ୍ ଲାଭାଂଶ (୧,୧୮୦ କୋଟି ଟଙ୍କା): ହିନ୍ଦୁସ୍ତାନ ଜିଙ୍କ୍ ଲିମିଟେଡରେ ଭାରତ ସରକାରଙ୍କ ୨୭.୯୨% ଅଂଶଧନ ମାଧ୍ୟମରେ ପରିଶୋଧ । କର ସ୍ୱଚ୍ଛତା ବେଦାନ୍ତର ବ୍ୟାପକ ପରିବେଶଗତ, ସାମାଜିକ ଏବଂ ଶାସନ (ଇଏସଜି) ଏଜେଣ୍ଡାର ଏକ ମୁଖ୍ୟ ଉପାଦାନ।

# ଜୀବନ ପାଇଁ ଦୁଇ ବୁନ୍ଦା

## ଗଞ୍ଜାମ ଜିଲାରେ ୩ଲକ୍ଷ ୪୫ ହଜାର ୧୧ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦେବାପାଇଁ ଲକ୍ଷ୍ୟ



ଛତ୍ରପୁର, ୨୮/୬ :ଜୀବନ ପାଇଁ ଦୁଇ ବୁନ୍ଦା, ଜନ୍ମରୁ ୫ବର୍ଷର ଶିଶୁଙ୍କୁ ଅତ୍ୟନ୍ତ ଜରୁରୀ ପୋଲିଓ ଦୁଇ ବୁନ୍ଦା । ପୋଲିଓ ମୁକ୍ତ ହେବ ଭାରତ ଏହି ଲକ୍ଷ୍ୟ ନେଇ ଚାଲିଛି ଏହି ଅଭିଯାନ । ଏହା ଆଜି ଠୁ ୩ ଦିନ ଧରି ଚାଲିବ । ରାଜ୍ୟ ସରାକରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଉଛି । କୌଣସି ଶିଶୁ ଯେପରି ଏଥିରୁ ବାଦ ପଡିବେ ନାହିଁ ,ଶିଶୁ ସୁସ୍ଥ ରହିଲେ ଦେଶ ଆଗକୁ ବଢିବ । ଗଞ୍ଜାମ ଜିଲାରେ ଚଳିତ ବର୍ଷ ୩ ଲକ୍ଷ ୪୫ ହଜାର ୧୧ ଜଣ ଶିଶୁଙ୍କୁ ଏହି ପଲସ ପୋଲିଓ ବିନ୍ଦୁ ପାନ କରାଯିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି । ଏନେଇ ଆଜି ୧୬୩୭ଟି ବୁଥ ରେ ଦିଆଯାଉଛି ଏହି ପୋଲିଓ ବୁନ୍ଦା । ମେଡିକାଲ, ଅଙ୍ଗନାବାଡି କେନ୍ଦ୍ର ମଧ ଦିଆଯାଉଛି । ଏନେଇ ୩୨୭୪ଟି ଟିମ କରାଯାଇଥିବା ବେଳେ ୬୫୪୮ ଜଣ କର୍ମୀ ନିଯୋଜିତ ହୋଇଛନ୍ତି । ୭୫ଟି ଟ୍ରାଞ୍ଜିଟ ଟିମ ଓ ୫୫ଟି ମୋବାଇଲ ଟିମ ଗଠନ ହୋଇଥିବା ବେଳେ ଏହାକୁ ତଦାରଖ କରିବା ପାଇଁ ୩୨୩ ଜଣ ସୁପରଭାଇଜର ନିଯୋଜିତ ହୋଇଛନ୍ତି । ଯେଉଁ ଶିଶୁ ଏହି ପୋଲିଓ ବୁନ୍ଦା ଖାଇବାରୁ ବଂଚିତ ରହିଯାଇଛନ୍ତି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସନ୍ତା ୨୯ ଓ ୩୦ ରେ ଘରକୁ ଘର ବୁଲି ପଲସ ପୋଲିଓ ବୁନ୍ଦା ଦେବେ । ଯେପରି ଜଣେ ବି କେହି ଏଥିରୁ ବାଦ ପଡିବେ ନାହିଁ ସେ ଲକ୍ଷ୍ୟ ରଖାଯାଇଛି । ସେହିପରି ଛତ୍ରପୁର ରେଳ ଷ୍ଟେସନ ରେ ମଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଜଗତସିଂହପୁର ଜିଲ୍ଲା ରେ ଉଦ୍ୟମୀ ଓଡିଶା ଏମଏସଏମଇ କାର୍ଯ୍ୟକ୍ରମ ଉଦଘାଟିତ



ଜଗତସିଂହପୁର ,(ମନ୍ଥନ) ଆଜି ଜଗତସିଂହପୁର ଜିଲ୍ଲା ସଂସ୍କୃତି ଭବନ ଠାରେ ଅନ୍ତର୍ଜାତୀୟ ଏମ ଏସ ଏମ ଇ ଦିବସ ଉପଲକ୍ଷେ ଜିଲ୍ଲା ଶିଳ୍ପ କେନ୍ଦ୍ର, ଜଗତସିଂହପୁର ତରଫରୁ ୪ ଦିବସୀୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରଦର୍ଶନୀ ୨୦୨୬ ମାନ୍ୟବର ଲୋକସଭା ସାଂସଦ ଶ୍ରୀଯୁକ୍ତ ବିଭୁ ପ୍ରସାଦ ତରାଇ ଙ୍କ କରକମଳ ରେ ଉଦ୍ଘାଟିତ ହୋଇଯାଇଛି. ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଶିଳ୍ପ କେନ୍ଦ୍ର, ଜଗତସିଂହପୁର ର ସାଧାରଣ ପରିଚାଳକ ଶ୍ରୀ ମନୋରଞ୍ଜନ ବିଷୋୟୀ ଙ୍କ ଅଧକ୍ଷତା ରେ ମୁଖ୍ୟ ବକ୍ତା ତଥା ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ମନୋଜ କୁମାର ଭୋଇ, ବରିଷ୍ଠ ପୋଲିସ ଅଧିକାରୀ ଶ୍ରୀ ରବୀନ୍ଦ୍ର କୁମାର ନାୟକ, ଅତିରିକ୍ତ ନିର୍ଦ୍ଦେଶକ ହସ୍ତଶିଳ୍ପ ଶ୍ରୀ ଅଜିତ ପ୍ରସାଦ ଭୋଇ ଓ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଶ୍ରୀ ଅଜିତ କୁମାର ଉତ୍ତରାୟ ଙ୍କ ଉପସ୍ଥିତି ରେ ଉକ୍ତ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଯାଇଛି. ମୁଖ୍ୟ ଅତିଥି ମାନ୍ୟବର ସାଂସଦ ଶ୍ରୀଯୁକ୍ତ ବିଭୁ ପ୍ରସାଦ ତରାଇ ଏହି କାର୍ଯ୍ୟକ୍ରମ ରେ ଯୋଗଦେଇଥିବା ସମସ୍ତ ଆଶାୟୀ ଉଦ୍ୟୋଗୀ ମାନଙ୍କୁ ସରକାର ଙ୍କ ପ୍ରଦତ୍ତ ସମସ୍ତ ଯୋଜନା ର ଲାଭ ଉଠାଇବା ପାଇଁ ପ୍ରେରଣା ଦେଇଥିଲେ. ଜିଲ୍ଲା ଶିଳ୍ପ କେନ୍ଦ୍ର, ଜଗତସିଂହପୁର ର ସାଧାରଣ ପରିଚାଳକ ଶ୍ରୀ ମନୋରଞ୍ଜନ ବିଷୋୟୀ ଯୁବକ ଯୁବତୀ ମାନଙ୍କୁ ଅଧିକରୁ ଅଧିକ ସଂଖ୍ୟା ରେ ଉଦ୍ୟୋଗୀ ହେବା ପାଇଁ ପରାମର୍ଶ ଦେଇଥିଲେ ଏବଂ ଉଦ୍ୟମୀତା ର କର୍ମନିୟୋଜନ ସୃଷ୍ଟି ର ଉପାଦେୟତା ବୁଝାଇ ଥିଲେ ।

ଏହି ମଞ୍ଚ ରେ ଜିଲ୍ଲା ର ବିଶିଷ୍ଟ ଉଦ୍ୟମୀ ଶ୍ରୀ ମନୀନ୍ଦ୍ର ନାଥ ପରିଡା, ଶ୍ରୀ ଚିତ୍ତରଞ୍ଜନ ସ୍ୱାଇଁ, ଶ୍ରୀ ମନୋଜ କୁମାର ମହାପାତ୍ର, ଶ୍ରୀ ସତ୍ୟବ୍ରତ ମହାନ୍ତି ଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା ଏହା ବ୍ୟତୀତ ସମାଜ ସେବା ପାଇଁ ଶ୍ରୀ ଗୋବିନ୍ଦ ଓଝା, ଜିଲ୍ଲା ଶିଳ୍ପ ପ୍ରୋତ୍ସାହନ ସଂସ୍ଥା ର ପ୍ରୀତିଶ ଭାରତ ଦାସ, ପାର୍ଥ ପ୍ରତିମ ଷଡ଼ଙ୍ଗୀ , ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଶ୍ରୀ ଅଜିତ କୁମାର ଉତ୍ତରାୟ ଙ୍କୁ ମଧ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା. କାର୍ଯ୍ୟକ୍ରମ ଶେଷରେ ମାନ୍ୟବର ସାଂସଦ ସମସ୍ତ ଷ୍ଟଲ ପରିଦର୍ଶନ କରି ଉଦ୍ୟମୀ ମାନଙ୍କ ସହ ମତବିନିମୟ କରିଥିଲେ. ଏହି କାର୍ଯ୍ୟକ୍ରମ କୁ ସୁଚାରୁ ରୂପେ ପାଳନ କରିବା ପାଇଁ ଜିଲ୍ଲା ଶିଳ୍ପ କେନ୍ଦ୍ର, ଜଗତସିଂହପୁର ର ସହକାରୀ ଶିଳ୍ପ ଅଧିକାରୀ ତ୍ରିବିକ୍ରମ ଭୋଇ, ସ୍ୱର୍ଣ୍ଣ ସାରିକା ପଟ୍ଟନାୟକ, ଲଭଲିକାନ୍ତ ମଲ୍ଲିକ, ଅନନ୍ୟା ଅନୁଷ୍କା ଓ ଜିଲ୍ଲା ଶିଳ୍ପ କେନ୍ଦ୍ର, ଜଗତସିଂହପୁର ର ସମସ୍ତ କର୍ମଚାରୀ ସହାୟତା କରିଥିଲେ ।

# ବଲାଙ୍ଗିର ରେ ସଫଳତା ସହ ଅନୁଷ୍ଠିତ ହେଲା ପ୍ରଥମ ମାହେଶ୍ୱରୀ ଯୁଥ କଂକ୍ଲେଭ ୨୦୨୬



ବଲାଙ୍ଗିର, ୨୮।୬(ନି.ପ୍ର.): ବଲାଙ୍ଗିର ସ୍ଥିତ ବେବି ବଲକ୍ସ ପ୍ଲେ ସ୍କୁଲ ପରିସରରେ ମାହେଶ୍ୱରୀ ସଂଗଠନ ପକ୍ଷରୁ ପ୍ରଥମ ମାହେଶ୍ୱରୀ ଯୁଥ କଂକ୍ଲେଭ ରେ ବଲାଙ୍ଗିର ଜିଲ୍ଲା ର ବିଭିନ୍ନ ଅଂଚଳରୁ ଯୁବପିଢି ଉତ୍ସାହ ର ସହ ଯୋଗ ଦେଇ ଜ୍ଞାନ, ନେତୃତ୍ୱ ଏବଂ ସାମାଜିକ ଦାୟିତ୍ୱ ସମ୍ପର୍କରେ ବିଭିନ୍ନ ପ୍ରେରଣାଦାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ମାହେଶ୍ୱରୀ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ ସ୍ୱାଗତ ଅଭିବାଷଣ ପ୍ରଦାନ କରି କନ୍‌ଲେଭର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଯୁବପିଢି କେବଳ ନିଜ କ୍ୟାରିୟର ଗଠନରେ ସୀମିତ ନ ରହି ସମାଜ ଗଠନ, ପରିବେଶ ସୁରକ୍ଷା ଓ ଜନସେବା କ୍ଷେତ୍ରରେ ମଧ ସକ୍ରିୟ ଭୂମିକା ନେବା ଆବଶ୍ୟକ । ପରେ ଅରିନ୍ଦମ ପରିଚ୍ଛା, ବନ୍ୟପ୍ରାଣୀ ସଂରକ୍ଷଣବିତ, ପରିବେଶ ସଂରକ୍ଷଣରେ ଯୁବପିଢି ର ଭୂମିକା ଉପରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ । ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଷୀ ଗଣମାଧମର ସକରାତ୍ମକ ବ୍ୟବହାର, ସୂଚନାର ସତ୍ୟତା ଓ ସାମାଜିକ ଦାୟିତ୍ୱ ସମ୍ପର୍କରେ ଯୁବମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ବିଶିଷ୍ଟ ଆରଟିଆଇ କର୍ମୀ ହେମନ୍ତ ପଣ୍ଡା ନେତୃତ୍ୱ, ସ୍ୱଚ୍ଛତା, ସଚେତନ ନାଗରିକତା ଓ ସାମାଜିକ ଦାୟିତ୍ୱ ଉପରେ ବିସ୍ତୃତ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଯୁବମାନଙ୍କ ସହ ବକ୍ତାମାନଙ୍କର ପ୍ରଶ୍ନୋ□ର ପୂର୍ବ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ପ୍ରଶ୍ନ ଉପସ୍ଥାପନ କରିଥିଲେ ଏବଂ ବକ୍ତାମାନଙ୍କ ଠାରୁ ଉପଯୋଗୀ ପରାମର୍ଶ ପାଇଥିଲେ । ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ପ୍ରଥମ ମାହେଶ୍ୱରୀ ଯୁଥ କନ୍‌ଲେଭ ସଫଳତାର ସହ ସମାପ୍ତ ହୋଇଥିବାରୁ ବକ୍ତା, ଅତିଥି, ଅଂଶଗ୍ରହଣ କାରୀ ଓ ସମସ୍ତ ସ୍ୱେଚ୍ଛାସେବକ ସନ୍ତୋଷ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସଭାପତି ଶୋଭନ ଅଗ୍ରୱାଲ, ସୂରଜ ପଟେଲ, ଦେବାଶିଷ ପାଣ୍ଡିଆ, ଶୁଭଶ୍ରୀ ପଟ୍ଟନାୟକ, ସ୍ପନ୍ଦନ ପ୍ରଧାନ, ତୃପ୍ତିମୟୀ ମହାପାତ୍ର, ପ୍ରୀତିଶ ସାହୁ, ରିଶଭ କଲତା, ଟୁଲୁ ଦୋରା, ଶିବାନନ୍ଦ ସାହାଣୀ, ପଦ୍ମାଳୟା ବାରିକ, ଶାନ୍ତିଲତା ସାହୁ, ରଚନା ସାହୁ, ସୁହାସିନୀ ଖଣ୍ଡୁଆଲ, ଆୟୁଷ ସାହୁ, ଦୀପକ ତ୍ରିପାଠି, ରାଧା ମାଧବ ଦାଶ, ଅମନ ଖାନ, ପ୍ରମୋଦ ସାହୁ, ସୀତାରାମ ସାହୁ, କରନ ବେହେରା ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି ଅବସରରେ ମାହେଶ୍ୱରୀ ସଂଗଠନ ପକ୍ଷରୁ ଆଗାମୀ ଦିନରେ ମଧ ଯୁବପିଢିଙ୍କ ସର୍ବାଙ୍ଗୀନ ବିକାଶ, ନେତୃତ୍ୱ ଗଠନ ଏବଂ ସାମାଜିକ ସଚେତନତା ବୃଦ୍ଧି ପାଇଁ ଏଭଳି ଗଠନମୂଳକ କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି ।

# ଅନୁଗୋଳ ଜିଲ୍ଲା ଟାଇକୁଣ୍ଡୁ ଚମ୍ପିୟାନସିପ ଉଦ୍‌ଯାପିତ

ଅନୁଗୋଳ, ୨୮।୬(ନି.ପ୍ର.): : ସ୍ଥାନୀୟ ଟାଉନ ହଲ ଠାରେ ଅନୁଗୋଳ ଜିଲ୍ଲା ଟାଇକୁଣ୍ଡୁ ଡେଭଲପମେଣ୍ଟ ଆସୋସିଏସନ୍ ପକ୍ଷରୁ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି ।ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏହି ପ୍ରତିଯୋଗିତାକୁ ଉଦ୍ଘାଟନ କରିବା ସହ ଆତ୍ମରକ୍ଷା କ୍ଷେତ୍ରରେ ସମରକଳାର ଆବଶ୍ୟକତା ଅଛି ବୋଲି କହିଥିଲେ ।ପ୍ରତିଯୋଗିତାରେ ପ୍ରାୟ ୨ ଶହ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ବର୍ଗ ରେ ଅଂଶ ଗ୍ରହଣ କରିଥିଲେ । ଅପରାହ୍ନ ରେ ଉଦ୍‌ଯାପନି ସମାରୋହ ଆୟୋଜିତ ହୋଇଥିଲା । ଏହି ସମାରୋହରେ ସେଲ୍ଫ ଡିଫେନ୍ସ ପ୍ରଶିକ୍ଷକ ସୁଦୀପ୍ତା ନନ୍ଦ ମୁଖ୍ୟ ଅତିଥି ରୂପେ ଯୋଗ ଦାନ କରିଥିବା ବେଳେ ବିଶିଷ୍ଟ ବ୍ୟବସାୟୀ ରାଜେଶ କୁମାର ଧଳ, ଡ଼ା ରଶ୍ମିତା ଭଞ୍ଜଦେଓ, ସ୍ଥାନୀୟ କାଉନସିଲର ପ୍ରଜ୍ଞା ଦାସ ଏବଂ ରାଜ୍ୟ ଟାଇକୁଣ୍ଡୁ ଆସୋସିଏସନ୍ ର ଟେକ୍ନିକାଲ ଡାଇରେକ୍ଟର ଜେ କେ ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସମାରୋହରେସେଲ୍ଫ ଡିଫେନ୍ସ ଶିଖୁଥିବା କିଛି ଛାତ୍ରୀ ଓ ମହିଳା ସେମାନଙ୍କ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ । ଶେଷରେ ସମସ୍ତ ବିଜୟୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।ସଂଘର ସଭାପତି ମନୋଜ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପ୍ରଧାନ, ଉପସଭାପତି ପ୍ରତାପ ମାଝୀ, କୋଷାଧକ୍ଷ ତପନ କୁମାର ଦାସ ଙ୍କ ସମେତ ଅନୁଗୋଳ ଟାଇକୁଣ୍ଡୁ ଆସୋସିଏସନ୍ ର ଅମରଜିତ୍ ଗଡ଼ନାୟକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଖେଳ ପରିଚାଳନାରେ ସହଯୋଗ କରିଥିଲେ ।




# ବଲାଙ୍ଗିର କରାଟେ ସ୍କୁଲର ବେଲ୍ଟ ପରୀକ୍ଷା




ବଲାଙ୍ଗିର, ୨୮/୬ – ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ସ୍ଥିତ ବଲାଙ୍ଗିର କରାଟେ ସ୍କୁଲର ବେଲ୍ଟ ପରିକ୍ଷା ତା. ୨୭ ଓ ୨୮ ଜୁନ ଦୁଇ ଦିନ ଧରି ସ୍କୁଲର ସଂପାଦକ ହୃଦୟ ଶବରଙ୍କ ତ□ାବଧାନରେ ଅନୁଷ୍ଠିତ ହୋଇଯାଇଛି । ପରିକ୍ଷାରେ ସର୍ବମୋଟ ୩୫ ଜଣ କରାଟେକା ଉନ୍ନିତ ହୋଇ ମୁଖ୍ୟ ଅତିଥି ଜେଆଇଟିଏମ୍ କଲେଜର ଅଧକ୍ଷ ଡ. ଅନଙ୍ଗ ଉଦୟ ନାଏକ, ବଲାଙ୍ଗିର କରାଟେ ସଂଘର ମୁଖ୍ୟ ଉପଦେଷ୍ଟା ତଥା ପରୀକ୍ଷକ ମାନୁଏଲ ନାଗ ଓ କରାଟେ ସ୍କୁଲର ସଭାପତି ସଚିଦାନନ୍ଦ ବାଗଙ୍କ ଉପସ୍ଥିତିରେ କୃତି କରାଟେକାମାନଙ୍କୁ ମାନପତ୍ର ଓ ବେଲ୍ଟ ପ୍ରଦାନ କରିଥିଲେ । ୟେଲୋ ବେଲ୍ଟ ରେ ସକେତ କୁମାର ହୋତା, ପ୍ରିୟାଂଶୁ ଶେଖର ଭାଟି, ସ୍ୱାଗତିକା ତ୍ରିପାଠି, ଶ୍ରୀ□ମ ଭଣ୍ଡ, ସୋମେଶ ନାଗ, ପ୍ରୟାଶ ବଳବନ୍ଦ ରାୟ, ଜିବନେଶ୍ୱର ବେହେରା, ସେଲଫି ଛୁରା, ଆଲିଏନ ତିର୍କୀ, ଅଖିଲେଶ ଦ୍ୱିବେଦୀ, ଆରୁଶି ବେହେରା, ବିକାଶ ସାହୁ, ଜୁଲୈଖା ଖାତୁନ, ଦିବ୍ୟେଶ ଜେନା, ତ୍ରିଶା ଶବର ଓ ହାର୍ଦ୍ଦିକ ବାରିକ । ଓରେଞ୍ଜ ବେଲ୍ଟ ରେ ଶିବାଙ୍ଗିନୀ ଗୁରୁ, ଆରାଧା ବେହେରା ଓ ଆଦଶ୍ୟାଶ ବେହେରା । ଗ୍ରିନ ବେଲ୍ଟ ରେ ଶ୍ୟାମାରାନୀ ଖୁଆସ, ଅଭିନନ୍ଦନ ସ୍ୱାମୀ, ହିତେଶ ବେହେରା, ଆଶିର୍ବାଦ ଦାସ, ପଲ୍ଲବି ନାଏକ, ଚନ୍ଦନ ବାଗ, ଅଂଶୁମାନ ଧରୁଆ, ଶ୍ରୀୟାଂଶି ମେହେର, ଇଭାନ ପ୍ରଧାନ ଓ ଶଲୈଶ ବିଶ୍ୱାଳ । ବ୍ଲୁ ବେଲ୍ଟ ରେ ଜଶୋବନ୍ତ କୁମ୍ଭାର, କାବ୍ୟାରାନୀ ହଂସ, ପ୍ରତିକ୍ଷାରାଣୀ ପୁଟା ଓ ଶ୍ରୀୟା ସାହୁ । ବ୍ରାଉନ ବେଲ୍ଟ ରେ ଆରାଧା ଦିବ୍ୟରାଣୀ ସାହୁ, ଜସମିନ ସାହୁ ଓ ପିୟୁଶ ଭୋଇ ପରୀକ୍ଷାରେ ସଫଳ ଭାବରେ ଉନ୍ନିତ ହୋଇଛନ୍ତି । ପରୀକ୍ଷା କେନ୍ଦ୍ରକୁ କରାଟେ ପ୍ରଶିକ୍ଷକ ଚନ୍ଦ୍ର ଶେଖର ସେଠ ପରିଚାଳିତ କରିଥିବା ବେଳେ ରେଖା ମନହିରା, ବିନୋଦିନୀ ଠେଲ, ଆଦିତା ସିଂ ବାରିକ, କ୍ରିଷ୍ଣା ନାଏକ, ଆନନ୍ଦିତା ସାହୁ, ଲୋକେଶ ବାଗ, ଆୟୁଶ ମେହେର ଓ ଅଭିଭାବକମାନେ ସହଯୋଗ କରିଥିଲେ । ଶେଷରେ ସ୍କୁଲର ସଂପାଦକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜରପଡା ଥାନା ଅଞ୍ଚଳରେ ଚୋରି

## ଚୋରଙ୍କ ଟାର୍ଗେଟ ମନ୍ଦିର ହୁଣ୍ଡି ଦାନବାକ୍ସ

ଛେଣ୍ଡିପଦା ୨୮।୬(ନି.ପ୍ର.): – ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଜରପଡା ଥାନା ଅଞ୍ଚଳ ରେ ଗତ ୪ ଦିନ ହେବ ଚୋର ଦଳ ଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି । ବିଶେଷ କରି ସେହି ଚୋର ଦଳ ଙ୍କ ଟାର୍ଗେଟ ମନ୍ଦିର ହୁଣ୍ଡି ଦାନବାକ୍ସ ଉପରେ ଲୋଲୁପ ଦୃଷ୍ଟି ପଡିଛି । ସୂଚନା ଯୋଗ୍ୟ ଯେ , ଜରପଡା ଗ୍ରାମ ସ୍ଥିତ ପ୍ରଭୁ ଶ୍ରୀ ଶ୍ରୀ ଧବଳେଶ୍ୱର ମନ୍ଦିର ଭିତରେ ଥିବା ହୁଣ୍ଡି ଦାନବାକ୍ସ କୁ ଭାଙ୍ଗି ବିଳମ୍ବିତ ରାତିରେ ଦାନ ଟଙ୍କା ଚୋରି ହୋଇଥିବା ଜଣାପଡିଛି । ତେବେ ମନ୍ଦିର ଭିତରୁ ଦାନବାକ୍ସ ନେଇ ଭାଙ୍ଗିରୁଜି ବାହାରେ ଫୋପାଡି ଦେଇଥିଲେ । ସେହିପରି ଦୁର୍ଗାପୁର ଗ୍ରାମ ହରିହର ମନ୍ଦିର ଭିତରେ ଥିବା ହୁଣ୍ଡି ଦାନବାକ୍ସ କୁ ଭାଙ୍ଗି ଚୋର ଦଳ ବିଳମ୍ବିତ ରାତିରେ ଚୋରି କରିନେଇଥିବା ଜଣାପଡିଛି । ଏ ସମ୍ପର୍କରେ ସ୍ଥାନୀୟ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଜରପଡା ଥାନା ଅଧିକାରୀ ଙ୍କ ନିକଟରେ ଅଭିଯୋଗ କରିବା ସହ ଦୃଷ୍ଟି ଆକର୍ଷଣ କରାଯାଇଛି । ଏ ନେଇ ପୋଲିସ ପ୍ରଶାସନ ପକ୍ଷରୁ ତଦନ୍ତ ଜାରୀ ରହିଛି । ଅନ୍ୟ ପକ୍ଷରେ ମନ୍ଦିର ଦେବାଳୟ ଭଳିଆ ପବିତ୍ର ଧର୍ମାନୁଷ୍ଠାନ ଗୁଡିକରୁ କ୍ରମାଗତ ଭାବେ ଚୋରି ହେଉଥିବା ଯୋଗୁଁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

# ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପଲ୍ସ ପୋଲିଓ ଉଦ୍‌ଘାଟିତ

ଜଗତସିଂହପୁର,(ମନ୍ଥନ) : ରବିବାର ଦିନ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ତିନି ଦିନିଆ ଜାତୀୟ ପଲ୍ସ ପୋଲିଓ ଟିକାଦାନ କାର୍ଯ୍ୟକ୍ରମ (ଆଇପିପିଆଇ-୨୦୨୬) ଆନୁଷ୍ଠାନିକ ଭାବେ ଉଦ୍ ?ଘାଟିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସ୍ନିଗ୍ଧାମୟୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍ ?ଘାଟନ କରିଛନ୍ତି । ଆଜିଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଜିଲ୍ଲାକୁ ସମ୍ପୂର୍ଣ୍ଣ ପୋଲିଓ ମୁକ୍ତ କରିବା ଦିଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି ।ଚଳିତ ବର୍ଷ ଜଗତସିଂହପୁର ଜିଲ୍ଲାରେ ଜନ୍ମରୁ ୫ ବର୍ଷ ବୟସର ସମୁଦାୟ ୯୬,୬୭୮ ଜଣ ଶିଶୁଙ୍କୁ ପୋଲିଓ ଟିକା ଖୁଆଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିପାଇଁ ଜିଲ୍ଲାରେ ମୋଟ ୨,୫୩,୩୩୯ ଟି ଘରକୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ୫୫୫ ଟି ବୁଥ୍ ସ୍ଥାପନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ଚୁଲାଇବା ପାଇଁ ୨୨୨୦ ଜଣ ଟିମ୍ ସଦସ୍ୟ (ଟିକାପ୍ରଦାନକାରୀ), ୧୧୪ ଜଣ ସୁପରଭାଇଜର, ୩୪ ଟି ଟ୍ରାଞ୍ଜିଟ୍ ପଏଣ୍ଟ ଏବଂ ୨୧ ଟି ମୋବାଇଲ୍ ଟିମ୍ ଗଠନ କରାଯାଇଛି ।ଅଭିଯାନର ପ୍ରଥମ ଦିନରେ କେବଳ ବୁଥ୍ ଗୁଡ଼ିକରେ ଟିକାଦାନ କରାଯାଉଥିବା ବେଳେ, ଦ୍ୱିତୀୟ ଓ ତୃତୀୟ ଦିନ (୨୯ ଓ ୩୦ ତାରିଖ) ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ବାଦ୍ ପଡ଼ିଥିବା ଶିଶୁମାନଙ୍କୁ ଚିହ୍ନଟ କରି ପୋଲିଓ ବୁନ୍ଦା ଖୁଆଇବେ ।ଏହି ଅଭିଯାନକୁ ସଫଳ କରିବା ପାଇଁ ପୂର୍ବରୁ ସମସ୍ତ ସୁପରଭାଇଜର ଏବଂ ଟିକାପ୍ରଦାନକାରୀ ଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଯାଇଥିଲା । ଗତ ଜୁନ୍ ୨୫ ତାରିଖ ଦିନ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲାପାଳ ଶତପ୍ରତିଶତ ଟିକାଦାନ କରାଇବା ସହ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଜନସାଧାରଣଙ୍କ ଆନ୍ତରିକ ସହଯୋଗ କାମନା କରିଥିଲେ । ଆଜିର ଏହି ଉଦ୍ ?ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡା. ସରୋଜ କୁମାର ଜେନା, ଅତିରିକ୍ତ ଜ଼ିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ପ୍ରମୋଦ କୁମାର ବାରିକ, ଡିପିଏମ୍ ସୋନାଲି ପ୍ରିୟଦର୍ଶିନୀ, ଡେପୁଟି ମ୍ୟାନେଜର (ଆରସିଏଚ) ସନ୍ଧ୍ୟାରାଣୀ ପଣ୍ଡା, ସହାୟକ ଜ଼ିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସୁବ୍ରତ କୁମାର ମହାପାତ୍ର, ହସ୍ପିଟାଲ ମ୍ୟାନେଜର ସସ୍ମିତା ସାହୁ, ଆଶା ମ୍ୟାନେଜେର ନାରାୟଣ ମଲ୍ଲିକ୍, ଜ଼ିଲ୍ଲା ଟୀକା ପରିଚାଳକ ପାର୍ଥ ସାରଥୀ କରଶର୍ମା, ସିସିଟି ମନୋରଞ୍ଜନ ମହାପାତ୍ର ଆଇସିଏ ରାଜେଶ କୁମାର ପତି ଏବଂ ରାଜ୍ୟ ପରାମର୍ଶଦାତା (ଷ୍ଟେଟ୍ କନସଲଟାଣ୍ଟ) ଶ୍ରୀଯୁକ୍ତ ବିଜୟରାମ ଦାଶ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ଶାଳେଶ୍ୱର ଯୁବକ ସଂଘ ପକ୍ଷରୁ ବୃକ୍ଷ ରୋପଣ



ବଳଙ୍ଗା ତା . ୨୮-୬- ବଳଙ୍ଗା ନିକଟସ୍ଥ ଶାଳଜଙ୍ଗ ଗ୍ରାମର ଶାଳେଶ୍ୱର ଯୁବକ ସଂଘ ପକ୍ଷରୁ ନିମାପଡ଼ା – ପିପିଲି ରାସ୍ତାର ଶାଳଜଙ୍ଗ ଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବରୁ ଏହି ରାସ୍ତାର ହଜାର ହଜାର ଗଛ ବାଟୋଇ ମାନଙ୍କୁ ଛାଇ ପ୍ରଦାନ କରୁଥିଲା ବେଳେ ବର୍ତ୍ତମାନ ଏହି ରାସ୍ତାର ସଂପ୍ରସାରଣ କାର୍ଯ୍ୟ ପାଇଁ ଗଛ ଗୁଡ଼ିକୁ କାଟି ଦିଆଯାଇଛି । ଆଜି ଯୁବକ ମାନେ ଏକାଠି ହୋଇ ଭାଣପୁର ଠାରୁ ଶାଳଜଙ୍ଗ ମଧରେ ରାସ୍ତାର ଉଭୟ ପାର୍ଶ୍ୱରେ ୨ଶହରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା । ଯୁବକ ସଂଘର ବରିଷ୍ଠ ସଦସ୍ୟ ପ୍ରସନ୍ନ ପରିଡ଼ା, ସୁନିଲ ରଥ, ଲିପନ ଦତ୍ତ, ଗିରିଜା ପ୍ରସାଦ ରଥ, ଲମ୍ବୋଦର ପରିଡା, ଶ୍ରାବଣ ମହାପାତ୍ର , ଗୋପାଳ ନାୟକ ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ ।

# ରାଜଗାଙ୍ଗପୁର ଶାନ୍ତି ଶୃଙ୍ଖଳା ସହ ପାଳନ ହେଲା ମହରମ୍ ପର୍ବ

ରାଜଗାଙ୍ଗପୁର : ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଏପି ଅମ୍ରିତପାଳ କୋର ଙ୍କ ତତ୍ତ୍ୱାବଧାନରେ ୧୫ ପ୍ଲାଟୁନ ପୋଲିସ ଫୋର୍ସ ଜିଲ୍ଲା ବରିଷ୍ଠ ପ୍ରଶାସନିକ ଅଧିକାରୀ ୨ ଜଣ ଅତିରିକ୍ତ ଏସପି ୭ ଜଣ ଡିଏସପି ୧୫ ଜଣ ଇନ୍ସପେକ୍ଟର ଏଡିପିଓ ବିଭୁତି ଭୁଷଣ ଭୋଇ ଥାନା ଅଧିକାରୀ ବିଜୟ କିଶୋର ଦାଶ ତହସିଲଦାର ଜଗବନ୍ଧୁ ମଲିକ୍ ବିଡ଼ିଓ ଅକ୍ଷୟ କୁମାର ବାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନା ଓ ପୋଲିସ ଫୋର୍ସ ମୁତୟନ ରେ ନିର୍ଦ୍ଧାରଣ ସମୟରେ ୯ଟି ଆଖଡ଼ା କମିଟି ସୁବାଷ ଛକ ଠାରେ ଏକତ୍ରିତ ହୋଇ ପାରମ୍ପାରିକ ଲାଠି ଚାଳନା ପ୍ରଦର୍ଶନ କରି ସରକାର ଗାଇଡ ଲାଇନ ଅନୁସାରେ ରାସ୍ତା ରେ ଶୋଭାଯାତ୍ରା ଅନୁଷ୍ଠିତ କରିବା ପରେ କରବାଲା ଠାରେ ଶାନ୍ତି ଶୃଙ୍ଖଳା ସହ ସମାପନ ହୋଇଥିଲା । ଶୋଭାଯାତ୍ରା ସୁ ଚାରୁ ରୁପେ ବୁଲେଇବା ପାଇଁ ରାଜଗାଙ୍ଗପୁର ମାନ୍ୟବର ବିଧାୟକ ଡଃ ସିଏସ ରାଜନ୍ ଏକ୍କା ବିଧାୟକ ପ୍ରତିନିଧି ଦେବରଞ୍ଜନ ବିନୋଦ ପବନ ଗଡୋଦିଆ ଶଶିଭୂଷଣ ଚୈରସିଆ ସୁରେଶ ବାରିକ ପୈରପରିଷଦ ଚେୟାରମେନ ଶ୍ରୀ ମତି ମାଧୁରୀ ଲୁଗୁଣ ପାକା ବାବୁ ଏଡି ଇରଫାନ ଶୋଏବ ଆଲମ ଅଶୋକ ଦାସ ଷ୍ଟାକ ଗୁପ୍ତା ଶୁଶିତ୍ରା ପାଇକରାୟ ବରିଷ୍ଠ ସାମ୍ବାଦିକ ପୁର୍ଣ୍ଣ ଚନ୍ଦ୍ର ପାଢ଼ୀ ରାଜେନ୍ଦ୍ର ବେହେରା ପ୍ରଫୁଲ୍ଲ ସାହୁ ରାଜନ୍ ସୋନି ଏଡି ଆରିଫ ଏଡି ଅମନ ଏଡି ନୈଷାଦ ଏଡି ଖାଲିଦ ବିରେନ୍ଦ୍ର ରଥ କୁତୁବ ରବାନି ଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଭିନ୍ନ ସମ୍ପ୍ରଦାୟର ଜନସାଧାରଣ ବୁଦ୍ଧିଜୀବୀ ଙ୍କ ଉପସ୍ଥିତି ରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, 8895722489, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ